## ସଂକ୍ଷେପରେ

### ଦମ୍ପତିଙ୍କୁ ଆକ୍ରମଣ, ଯୁବକ ଗିରଫ

ବଇଣ୍ଡା,୪।୨(ଡି.ଏନ.ଏ.)- ଠାକୁରଗଡ଼ ଥାନା କନ୍ତପଡ଼ା ଗ୍ରାମର ଶରତ ପ୍ରଧାନ ଓ ସ୍ତ୍ରୀ ସଞ୍ଜିତା ପ୍ରଧାନଙ୍କୁ ସେହି ଗ୍ରାମର ତପନ ନାୟକ ଠେଙ୍ଗାରେ ଆକ୍ରମଣ କରିଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୧୩/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତ ତପନଙ୍କୁ ଗିରଫ କରିଛି। ପୋଲିସ କହିଛି, ଶରତ ଓ ସଞ୍ଜିତା କାମରୁ ଫେରୁଥିବାବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ତପନ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ମଦ ଜବତ, ୨ ଗିରଫ

ବଇଣ୍ଡା,୪।୨ (ଡି.ଏନ.ଏ.)- ଠାକୁରଗଡ଼ ପୋଲିସ ଠାକୁରଗଡ଼ ଗ୍ରାମରେ ଚଢ଼ାଉ କରି ମିନି ସାହୁ ଓ ବୁଲୁ ପ୍ରଧାନଙ୍କ ଘରୁ ୫ ଲିଟର ଲେଖାଏଁ ଚୋରା ଦେଶୀ ମଦ ଜବତ କରିଛି। ଏଥିସହିତ ସେମାନଙ୍କୁ ଗିରଫ ପରେ ଆଠମଲ୍ଲିକ କୋର୍ଟଚାଲାଣ କରାଯାଇଛି। ଏ ନେଇ ନଂ. ୧୧/୧୯ ଓ ୧୨/୧୯ରେ ମାମଲା ରୁଜୁ ହୋଇଛି। ଏମାନେ ଘରେ ବେଆଇନ ମଦ ବିକ୍ରି କରୁଥିବା ଖବରପାଇ ଠାକୁରଗଡ଼ ଆଇଆଇସି ଚଢ଼ାଉ କରିଥିଲେ।

## ରେଲୱେ କଲୋନୀରୁ ଚୋରି ଘଟଣା
# ଫାଣ୍ଡି ଘେରିଲେ ମହିଳା



**ଅନୁଗୋଳ ଅଫିସ, ୪।୨**

ଗତ ଶୁକ୍ରବାର ରେଲ୍‌ୱେ କଲୋନୀରୁ ଚୋରି ହେବା ଘଟଣାରେ ସୋମବାର ସନ୍ଧ୍ୟାରେ କଲୋନୀ ମହିଳାମାନେ ରେଲଷ୍ଟେଶନ ଫାଣ୍ଡି ଘେରାଉ କରିଛନ୍ତି। ଏଥିସହ ଅନୁଗୋଳ ଷ୍ଟେଶନ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ପୋଲିସର ପାଟ୍ରୋଲିଂ ଓ ସୁରକ୍ଷା ବ୍ୟବସ୍ଥା ଢିଲା ଯୋଗୁ ଅସାମାଜିକ କାର୍ଯ୍ୟକଳାପ ବଢିଚାଲିଛି। ବିଶେଷ କରି ରେଲ୍‌ୱେ କଲୋନୀ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ବେଳେ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ସନ୍ଧ୍ୟା ପରେ ଅନୁଗୋଳରୁ ରେଲ ଷ୍ଟେଶନ ରାସ୍ତା ଅସୁରକ୍ଷିତ ହୋଇପଡୁଛି। ତେଣୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି, ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀରେ ପୋଲିସ ଚଢ଼ାଉ କରିବାକୁ ଦାବି ହୋଇଥିଲା। ଏଥିସହ କଲୋନୀରୁ ଗତ ୨ ତାରିଖରୁ ଚୋରି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ସେମାନେ ଦାବି କରିଥିଲେ। ଘଟଣାସ୍ଥଳରେ ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ, ରେଲୱେ ଅଧିକାରୀ ଓ ରେଳବାଇ ସୁରକ୍ଷା ଅଧିକାରୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। କଲୋନୀରେ କଡ଼ା ପୋଲିସ ପଇଁତରା ବ୍ୟବସ୍ଥା କରାଯିବାକୁ ପ୍ରତିଶ୍ରୁତି ଦେବାପରେ ବିକ୍ଷୋଭକାରୀ ଶାନ୍ତ ପଡିଥିଲେ।

## ଖାଦ୍ୟ ଗ୍ରହଣ କଲେ ଅନଶନକାରୀ

**ତାଳଚେର,୪।୨(ନି.ପ୍ର.)**

ତାଳଚେର ସବ୍‌ଜେଲରେ ଅନଶନ ଚଳାଇଥିବା ୮୭ ଜଣ ଜେଆଇଟିପିଏଲ୍ ଆନ୍ଦୋଳନକାରୀ ସୋମବାର ସନ୍ଧ୍ୟାରେ ଅନଶନ ପ୍ରତ୍ୟାହାର କରିନେବା ସହ ଖାଦ୍ୟ ଗ୍ରହଣ କରିଛନ୍ତି। ଅପରାହ୍ନରେ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ଓ ଏସ୍‌ଡିପିଓ ହେମନ୍ତ କୁମାର ପଣ୍ଡା ସେମାନଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନକାରୀ ସନ୍ଧ୍ୟାରେ ଜେଲ୍ ଖାଦ୍ୟ ଖାଇଥିଲେ। ସୂଚନାଯୋଗ୍ୟ, ୧୦ ଦିନ ଧରି ପ୍ରକଳ୍ପ ସମ୍ମୁଖରେ ଆନ୍ଦୋଳନ କରୁଥିବା ୮୭ଜଣଙ୍କୁ ପୋଲିସ ଶୁକ୍ରବାର ଉଠାଇ ନେବା ସହ ସେହିଦିନ ରାତିରେ ଗିରଫ କରି କୋର୍ଟଚାଲାଣ କରିଥିଲା। ହେଲେ ଏହାକୁ ବିରୋଧ କରି ଆନ୍ଦୋଳନକାରୀମାନେ ଜେଲ୍ ମଧ୍ୟରେ ସେହିଦିନଠାରୁ ଅନଶନ ଚଳାଇଥିଲେ। ସେମାନେ ଖାଦ୍ୟ ଗ୍ରହଣ କରୁ ନ ଥିଲେ କି ଜାମିନରେ ଯିବେ ନାହିଁ ବୋଲି ଅଡ଼ି ବସିଥିଲେ। ଫଳରେ ୧୦ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡ଼ିଥିଲା। ସେମାନଙ୍କୁ ତାଳଚେର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

## ନିଯୁକ୍ତି ଦାବିରେ ଖଣିବନ୍ଦ ଆନ୍ଦୋଳନ



**ତାଳଚେର,୪।୨(ନି.ପ୍ର.)**

ନିଯୁକ୍ତି ପ୍ରଦାନ ଦାବିରେ ତାଳଚେର ବ୍ଲକ ଡଅଁରା ଗ୍ରାମର ୨୪ ଜଣ ଖଣି କ୍ଷତିଗ୍ରସ୍ତଙ୍କ ପକ୍ଷରୁ ସୋମବାର ଏମ୍‌ସିଏଲ୍‌ର ଏଠାରେ ଥିବା ବଳରାମ କୋଇଲା ଖଣିରେ ଖଣିବନ୍ଦ ଆନ୍ଦୋଳନ କରାଯାଇଛି। ଆନ୍ଦୋଳନକାରୀମାନେ ସକାଳୁ ଖଣିର ଟାଇମ୍ ଅଫିସ, ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ, ଜିରୋ ପଏଣ୍ଟ ଠାରେ ବସି ରହି ଆନ୍ଦୋଳନ ଚଳାଇଛନ୍ତି। ଫଳରେ କୋଇଲା ଉତ୍ପାଦନ ଓ ପରିବହନ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଗ୍ରାମର କ୍ଷତିଗ୍ରସ୍ତ ପ୍ରଜାଙ୍କୁ ନିଯୁକ୍ତି ପ୍ରଦାନ କରିବାରେ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଜାଣିଶୁଣି ବିଳମ୍ବ କରିବା ସହ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ନିଯୁକ୍ତି ପ୍ରଦାନ ନିମନ୍ତେ ହାଇକୋର୍ଟ ୨୦୦୮ରେ ଏମ୍‌ସିଏଲ୍ କର୍ତ୍ତୃପକ୍ଷକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସୁପ୍ରିମକୋର୍ଟରେ ମାମଲା ଦାୟର କରି ସମୟ ଗଡାଇ ନିଆଯାଉଛି। ଗତ ଜାନୁୟାରୀ ୪ରେ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଏମ୍‌ସିଏଲ୍ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଜମିହରା ପ୍ରଜାମାନଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ଏକ ମାସ ମଧ୍ୟରେ ସେମାନଙ୍କୁ ନିଯୁକ୍ତି ଦେବାକୁ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ରାଜି ହୋଇଥିଲେ ମଧ୍ୟ ଅଦ୍ୟାବଧି ପଦକ୍ଷେପ ନିଆଯାଇ ନାହିଁ। ଖଣି କର୍ତ୍ତୃପକ୍ଷ ସୁପ୍ରିମକୋର୍ଟରୁ ତୁରନ୍ତ ମାମଲା ପ୍ରତ୍ୟାହାର କରିବା ସହ ନିଯୁକ୍ତି ପ୍ରଦାନ କରିବାକୁ ଦାବି କରାଯାଇଛି। ଖଣି କର୍ତ୍ତୃପକ୍ଷ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ ହେଁ କୌଣସି ସୁଫଳ ମିଳିପାରି ନାହିଁ।

## ଜିଲାପାଳଙ୍କ ମିଳିତ ଜନ ଶୁଣାଣି ଶିବିର
# ୨୯ ଜଣଙ୍କୁ ଦେଢ଼ ଲକ୍ଷର ସହାୟତା

**ଅନୁଗୋଳ ଅଫିସ, ୪।୨**

ଜିଲା କାର୍ଯ୍ୟାଳୟ କୋର୍ଟ ରୁମ୍‌ଠାରେ ସୋମବାର ପୂର୍ବାହ୍ନରେ ଜିଲାସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ର ଯୋଗ ଦେଇଥିଲେ। ଏଥିରେ ଦାଖଲ ହୋଇଥିବା ସମୁଦାୟ ୨୦୫ ଅଭିଯୋଗରୁ ୧୮୬ଟି ବ୍ୟକ୍ତିଗତ ଓ ୧୯ଟି ଗ୍ରାମ୍ୟ ଭିତ୍ତିକ ସମସ୍ୟାର ଶୁଣାଣି ହୋଇଥିଲା। ସମସ୍ତ ଅଭିଯୋଗର ସମାଧାନ କରାଯିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଏଥିସହ ଜିଲା ରେଡ଼କ୍ରସ ପାଣ୍ଠିରୁ ୨୦ ଜଣଙ୍କୁ ୭୫ ହଜାର ଟଙ୍କା ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୯ ଜଣଙ୍କୁ ୭୫ ହଜାର ଟଙ୍କାର ଆର୍ଥିକ ସହାୟତା ଚିକିତ୍ସା ପାଇଁ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଅମରେନ୍ଦ୍ର ନାଥ ମହାନ୍ତି, ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାୟାଧର ବେହେରା, ଅନୁଗୋଳ ତହସିଲଦାର ବିଚିତ୍ରାନନ୍ଦ ନାୟକ, ଡେପୁଟି କଲେକ୍ଟର ବଇତୁରା ଦୀପ୍ ଓ ଆସିଷ୍ଟାଣ୍ଟ କଲେକ୍ଟର ଇସାନି ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ମଧୁବାବୁ ଜାତୀୟ ଚେତନାର ମନ୍ତ୍ରଦାତା



**ଅନୁଗୋଳ ଅଫିସ, ୪।୨**

ଅନୁଗୋଳର ନାଲ୍‌କୋନଗର ସ୍ଥିତ ମଧୁସୂଦନ ପାର୍କ ଠାରେ ଉତ୍କଳ ଗୌରବ ମଧୁସୂଦନଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ ଅନୁଗୋଳ ଜିଲା ସମ୍ପାଦକ ଇଂ.ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି, ମୁଖ୍ୟବକ୍ତା ନାଲ୍‌କୋର ସହକାରୀ ମହାପ୍ରବନ୍ଧକ ଇଂ. ଅଶୋକ କୁମାର ଶତପଥୀ ଓ ସମ୍ମାନିତ ଅତିଥି ଭାବେ ଇଂ.ଅତିଶ କୁମାର ସ୍ୱାଇଁ ଯୋଗଦେଇଥିଲେ। ମଧୁବାବୁ ଉତ୍କଳୀୟମାନଙ୍କର ଜାତୀୟ ଚେତନାର ମନ୍ତ୍ରଦାତା ବୋଲି ଅତିଥିମାନେ ବକ୍ତବ୍ୟରେ ପ୍ରକାଶ କରିଥିଲେ। ରବିନାରାୟଣ ନାଥ, ଗୌରହରି ବେହେରା, ଜୟରାମ ଭୋଇ, ବିଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ମଧୁସ୍ମୃତି କମିଟିର ମାମିନା ବେହେରା ଧନ୍ୟବାଦ ଦେଇଥିଲେ।

## ଓକିଲ ସଂଘ ପକ୍ଷରୁ ଶ୍ରାଦ୍ଧ ଦିବସ



**ଅନୁଗୋଳ ଅଫିସ, ୪।୨**

ଅନୁଗୋଳ ଓକିଲ ସଂଘ ପକ୍ଷରୁ ସ୍ଥାନୀୟ ଜିଲା ଜଜ କୋର୍ଟ ପରିସରରେ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଉପସ୍ଥିତ ସମସ୍ତ ବିଚାରକମଣ୍ଡଳୀ ତଥା ଅନୁଗୋଳ ଓକିଲ ସଂଘର ସଭ୍ୟା ଓ ସଭ୍ୟମାନେ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ସଭାପତି ଦିଲୀପ କୁମାର ଦାସଙ୍କ ସଭାପତିତ୍ୱରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ଜଜ୍ ଅଶାନ୍ତ କୁମାର ଦାସ, ଅତିରିକ୍ତ ଜିଲା ଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ, ଫ୍ୟାମିଲି କୋର୍ଟ ଜଜ ସୌମେନ୍ଦ୍ର ରାଜଗୁରୁ, ଭିଜିଲାନ୍ସ ଜଜ ରୂପଶ୍ରୀ ଚୌଧୁରୀ, ରେଜିଷ୍ଟ୍ରାର ପ୍ରଣତି ପଟ୍ଟନାୟକ, ବରିଷ୍ଠ ସିଭିଲ ଜଜ ଲିଲିପ୍ସା ପଶାୟତ, ଏସଡିଜେଏମ ବିନୟ ପାତ୍ର, ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ଅଭିନନ୍ଦିତା ପଣ୍ଡା, ଜେଏମଏଫସି ଅରଜିତ ଦାସ, ସଂଘ ଉପସଭାନେତ୍ରୀ ମମତା ପଟ୍ଟନାୟକ, କୋଷାଧ୍ୟକ୍ଷ କୁଶ ସାହୁ, ମହେନ୍ଦ୍ର ବସ୍ତିଆ, ଗଦାଧର ଗଡନାୟକ, ରଜତ ଦାଶ, ସୁବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ପୋତ ପରିବହନ ମନ୍ତ୍ରଣାଳୟ
ଭାରତ ସରକାର

ପୂର୍ବୋଦୟ
ପାରାଦୀପ: ପୂର୍ବ ଭାରତର ଶକ୍ତିଦ୍ୱାର



ଶୁଭ ଉଦ୍‌ଘାଟନ
ପାରାଦୀପ ବନ୍ଦରରେ କଣ୍ଟେନରଗୁଡ଼ିକ ସମେତ ସ୍ୱଚ୍ଛ ପଣ୍ୟର ସୁପରିଚାଳନା ପାଇଁ ବହୁମୁଖ ବର୍ଥ
ଏବଂ
ଭିତ୍ତିପ୍ରସ୍ତର ସ୍ଥାପନ/କାର୍ଯ୍ୟାରମ୍ଭ
ପାରାଦୀପ ବନ୍ଦରରେ ତିନିଟି ବର୍ଥର ଯାନ୍ତ୍ରିକୀକରଣ
କୋଇଲା ଆମଦାନିର ସୁପରିଚାଳନା ପାଇଁ ପାରାଦୀପ ବନ୍ଦରରେ ନୂଆ କୋଇଲା ବର୍ଥ
ପାରାଦୀପ ବନ୍ଦରରେ ମଲ୍ଟି-ମୋଡାଲ ଲଜିଷ୍ଟିକ୍ସ ପାର୍କ

ପ୍ରକଳ୍ପ ମୁଖ୍ୟାଂଶ
କଣ୍ଟେନରଗୁଡ଼ିକର ସୁପରିଚାଳନା ଏବଂ ସ୍ୱଚ୍ଛ ପଣ୍ୟ ପାଇଁ ସ୍ୱଚ୍ଛ ପଣ୍ୟ ବର୍ଥ, ପାରାଦୀପ ବନ୍ଦରର ପଣ୍ୟ ରୂପରେଖର ବିବିଧତା ଏବଂ ସ୍ଥାନୀୟ ଉଦ୍ୟୋଗଗୁଡ଼ିକୁ ପରିବହନ ସହାୟତା ପ୍ରଦାନ
ପୂର୍ବସ୍ଥିତ ବର୍ଥଗୁଡ଼ିକର ଯାନ୍ତ୍ରିକୀକରଣ ଏବଂ ୩୦ ମିଲିୟନ୍ ଟନ୍‌କୁ କ୍ଷମତା ବୃଦ୍ଧି କୋଇଲା ରପ୍ତାନିକୁ ପ୍ରୋତ୍ସାହିତ କରିବ, ପ୍ରଦୂଷଣ ହ୍ରାସ କରିବ
ଅଧିକ ମାତ୍ରାରେ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଆଞ୍ଚଳିକ ସମୃଦ୍ଧି

ବୁଧବାର, ୬ ଫେବୃୟାରୀ ୨୦୧୯, ପାରାଦୀପ

ଗରିମାମୟ ଉପସ୍ଥିତି
ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ନିତିନ ଗଡ଼କରି
ସଡ଼କ ପରିବହନ ଏବଂ ରାଜମାର୍ଗ, ଜାହାଜ ଚଳାଚଳ ଓ ଜଳସମ୍ପଦ ନଦୀ ବିକାଶ ଓ ଗଙ୍ଗା ସଂରକ୍ଷଣ ମନ୍ତ୍ରୀ
ଭାରତ ସରକାର
ଜୁଏଲ ଓରାମ
ଜନଜାତି ବ୍ୟାପାର ମନ୍ତ୍ରୀ
ଭାରତ ସରକାର
ଧର୍ମେନ୍ଦ୍ର ପ୍ରଧାନ
ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ
ଭାରତ ସରକାର
ଡା. କୁଳମଣି ସାମଲ
ସାଂସଦ, ଜଗତସିଂହପୁର
ଡା. ଦାମୋଦର ରାଉତ
ବିଧାୟକ, ପାରାଦୀପ



## ସଂକ୍ଷେପରେ

### ବ୍ୟାଙ୍କ ନୂତନ ଅଫିସ ଉଦ୍‌ଘାଟିତ



**ଛେଣ୍ଡିପଦା,୪।୨(ଡି.ଏନ.ଏ.):** ଅନୁଗୋଳ ଜିଲା ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱ ଛେଣ୍ଡିପଦା ବ୍ଲକ ଜରପଡା ସ୍ଥିତ ଇଣ୍ଡିଆନ ଓଭରସିଜ ବ୍ୟାଙ୍କର ନୂତନ ଶାଖା କାର୍ଯ୍ୟାଳୟ ସୋମବାର ଉଦଘାଟିତ ହୋଇଯାଇଛି। ଶାଖା ପରିଚାଳକ ଲଳିତ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚିଫ ରିଜିଓନାଲ ମ୍ୟାନେଜର ଭୁବନେଶ୍ୱର ମି. ଶଙ୍କରା ରାଓ, ସମ୍ମାନିତ ଅତିଥି ବିଡିଓ ରୋମାଞ୍ଚଳ ଖମାରୀ, ଜରପଡା ଡିଗ୍ରୀ କଲେଜ ପ୍ରିନ୍ସିପାଲ ଡ. ସୁଷମା ପ୍ରଧାନ, ନାରାୟଣ ସାହୁ, କୋଶଳା ଶାଖା ପରିଚାଳକ ମୀନକେତନ ପଟ୍ଟନାୟକ, ଅବସରପ୍ରାପ୍ତ ଶାଖା ପରିଚାଳକ ବସନ୍ତ କୁମାର ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବ୍ୟାଙ୍କ କର୍ମଚାରୀ ସୁଧୀର ରଞ୍ଜନ ପ୍ରଧାନ, ମହେନ୍ଦ୍ର ଗଡନାୟକ, ଲିପିକା ପାତ୍ର, ଡିଲେଶ୍ୱର ନାୟକ, ଭାବଗ୍ରାହୀ ବିଶ୍ୱାଳ, ଗଗନ ବିହାରୀ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

### ପଞ୍ଚାୟତସ୍ତରୀୟ ବାର୍ଷିକ ଉତ୍ସବ

**ଛେଣ୍ଡିପଦା, ୪।୨(ସ୍ୱ.ପ୍ର):** ଛେଣ୍ଡିପଦା ବ୍ଲକ ଆମ୍ବପାଳ ନତଡା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ତପନ କୁମାର ଦେହୁରୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବ୍ଲକ ଅଧକ୍ଷ ଅଶୋକ କୁମାର ପ୍ରଧାନ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଡାଏଟ ଛେଣ୍ଡିପଦାର ଅଧକ୍ଷା ତନୁଜା ମିଶ୍ର, ସମ୍ମାନିତ ଅତିଥି ଭାବେ ଅମ୍ବପାଳ ନତଡା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ହଳଧର ସାହୁ, ପୂର୍ବତନ ସରପଞ୍ଚ ହରମୋହନ ସାହୁ, ମାର୍କଣ୍ଡ ନାୟକ ସରପଞ୍ଚ ମମତା ସେଠୀ, ଅବସରପ୍ରାପ୍ତ ଶିକ୍ଷକ ମୋହିତ ମୋହନ ବିଶ୍ୱାଳ, ପୀତାମ୍ବର ମାଝି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୃତାର୍ଥ ସାହୁ ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ବହୁମୂଲ୍ୟ ପରାମର୍ଶ ଦେଇଥିଲେ। ଶିକ୍ଷକ ଦୁର୍ଯ୍ୟୋଧନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ସୁରଭି-୨୦୧୮ରେ ରାଜ୍ୟ ଏବଂ ଜିଲା ତଥା ବ୍ଲକସ୍ତରରେ କୃତିତ୍ୱ ହାସଲ କରିଥିବା ୬ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

### ପାଠପଢ଼ା ପ୍ରତି ଦୃଢ଼ ଜିଜ୍ଞାସା ରହୁ

**ଛେଣ୍ଡିପଦା,୪।୨(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ପୋହାପଡା ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଅଶୋକ କୁମାର ପ୍ରଧାନ, ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରସନ୍ନ ସାହୁ, ପୂର୍ବତନ ଶିକ୍ଷକ ଅକ୍ଷୟ କୁମାର ଶତପଥୀ, ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ସାହୁ ଓ ଗନ୍ଧର୍ବ ଜେନା, ପରିଚାଳନା କମିଟି ସଭାପତି ଲକ୍ଷ୍ମୀଧର ପ୍ରଧାନ, ସୁନୀତା ଗଡନାୟକ, ଭଜମନ ଗଡନାୟକ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ପାଠପଢା ପ୍ରତି ଦୃଢ ଜିଜ୍ଞାସା ରଖି ପୂର୍ବତନ ରାଷ୍ଟ୍ରପତି ଅବଦୁଲ କଲାମ ପରି ହେବାକୁ ମୁଖ୍ୟଅତିଥି ଆହ୍ୱାନ ଦେଇଥିଲେ। ପୂର୍ବ ଆୟୋଜିତ ପଞ୍ଚାୟତସ୍ତରୀୟ କୃତୀ ୧୪୦ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ଜଗବନ୍ଧୁ ପ୍ରଧାନ ମନୋଜ କୁମାର ଦେହୁରୀ ସହଯୋଗ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଜବରଦଖଲ ଉଚ୍ଛେଦ

**ଭଦ୍ରକ ଅଫିସ, ୪।୨:** ଭଦ୍ରକ ପୌରାଞ୍ଚଳ ଅଧୀନ କୁଆଁସ ବଡଦାଣ୍ଡ ସାହିରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଟାଉନ ଥାନା ପୋଲିସ ଉପସ୍ଥିତିରେ ତହସିଲଦାର ପ୍ରଦୀପ ସାହୁଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ମିନାକ୍ଷୀ ଦାସ, ସଦର ଆର୍‌ଆଇ ନରେଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଜେସିବିରେ ସରକାରୀ ଜମିରେ ଥିବା କେତେକ ଘର ଓ ବାରଣ୍ଡାକୁ ଭଙ୍ଗାଯାଇଥିଲା। ଉକ୍ତ ରାସ୍ତା କେତେକ ସରକାରୀ ଅଫିସର ମୁଖ୍ୟରାସ୍ତା ହୋଇଥିବାରୁ ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଥିବା ଜଣାଯାଇଛି।

■ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଘାଟିତ

# କଡ଼ାକଡ଼ି ହେବ ଗାଡ଼ି ଯାଞ୍ଚ

**ଅନୁଗୋଳ ଅଫିସ, ୪।୨**

ରାସ୍ତା ଦୁର୍ଘଟଣାକୁ ନିୟନ୍ତ୍ରଣ କରିବା ପାଇଁ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସୋମବାର ୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଅନୁଗୋଳ ଜିଲାରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଆରମ୍ଭ ହୋଇଛି। ଏହି ଅବସରରେ ଜିଲା କାର୍ଯ୍ୟାଳୟ ପରିସରରୁ ପୂର୍ବାହ୍ନରେ ଏକ ସଚେତନତା ରଥକୁ ଜିଲାପାଳ ଅନିଲ କୁମାର ସାମଲ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ସେହିପରି ବସ୍ ମାଲିକ ସଂଘ, ଟ୍ରକ ମାଲିକ ସଂଘ ଓ ଅଟୋରିକ୍ସା ଚାଳକ ସଂଘର ମିଳିତ ସହଯୋଗରେ ସ୍ଥାନୀୟ ଅନୁଗୋଳ ଷ୍ଟାଡ଼ିୟମରେ ସକାଳେ ଗଣଦୌଡ଼ ଓ ଅଟୋରିକ୍ସା ରାଲିକୁ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଶୁଭାରମ୍ଭ କରିଥିଲେ।




ସଚେତନତା ଶୋଭାଯାତ୍ରାକୁ ଅତିଥି ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

ଜିଲାରେ ସଡ଼କ ଦୁର୍ଘଟଣାର ନିୟନ୍ତ୍ରଣ ଓ ନିରାକରଣ ପାଇଁ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଚଳିତ ବର୍ଷର ବାର୍ତ୍ତା 'ସଡ଼କ ସୁରକ୍ଷା, ଜୀବନ ରକ୍ଷା' ସମ୍ପର୍କରେ ବ୍ୟାପକ ପ୍ରଚାର ଓ ପ୍ରସାରକୁ ଦୃଷ୍ଟିରେ ରଖି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ପୋଲିସ, ଶିଳ୍ପ ସଂସ୍ଥା, ଟ୍ରକ ଓ ବସ ମାଲିକ ସଂଘ, ଅଟୋ ରିକ୍ସା ମାଲିକ ସଂଘ ଓ ଜିଲା ଶିକ୍ଷା ଅଧିକାରୀଙ୍କ ସହାୟତାରେ ସଚେତନତା ତୋରଣ, ବ୍ୟାନର ଓ ପୋଷ୍ଟର ପ୍ରଦର୍ଶିତ ହେଉଛି। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ, କୁଇଜ ଓ ସ୍ଲୋଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୧୦ ତାରିଖ ପର୍ଯ୍ୟନ୍ତ ଜିଲା ବ୍ୟାପି ୨ ଚକିଆ ଗାଡ଼ି ଓ ୨ରୁ ଅଧିକ ଯାତ୍ରୀ ପରିବହନ କରୁଥିବା ଯାନଗୁଡ଼ିକୁ କଡ଼ାକଡ଼ି ଯାଞ୍ଚ କରାଯିବା ସହ ଅଟୋ ରିକ୍ସାର କାଗଜପତ୍ର ମଧ ଯାଞ୍ଚ କରାଯିବ। ଏହି ସମୟ ମଧ୍ୟରେ କ୍ଷମତାଠାରୁ ଅଧିକ ମାଲ୍ ଓ ଯାତ୍ରୀ ପରିବହନ କରୁଥିବା ଟ୍ରକ୍ ଓ ବସ୍‌କୁ ମଧ କଡ଼ାକଡ଼ି ଯାଞ୍ଚ କରାଯିବ। ଏହାଛଡ଼ା ରାସ୍ତାପାର୍ଶ୍ୱ ବୃକ୍ଷ ଗୁଡ଼ିକରେ ଲାଲ ରେଟ୍ରୋରିଫ୍ଲେକ୍ଟିଭ ଟେପ୍ ଲଗାଯିବା ସହ ଚାଳକମାନଙ୍କ ଚକ୍ଷୁ ପରୀକ୍ଷା ଶିବିର ଚଳିତ ମାସ ୧୦ ତାରିଖରେ ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ। ଚାଳକମାନଙ୍କୁ ତାଲିମ ପ୍ରଦାନ କରାଯିବା ସହ ଯେଉଁ ଚାଳକ ଗତ ୧୦ ବର୍ଷ ମଧ୍ୟରେ କୌଣସି ଦୁର୍ଘଟଣା ଘଟାଇ ନ ଥିବେ ସେମାନଙ୍କୁ ଶ୍ରେଷ୍ଠ ଚାଳକ ଭାବେ ପୁରସ୍କାର ପ୍ରଦାନ କରାଯିବ। ଏହି ଉପଲକ୍ଷେ ସାମାଜିକ ଅନୁଷ୍ଠାନ ସ୍ୱନ୍ଦନ ତରଫରୁ ସଡ଼କ ସୁରକ୍ଷା ସମ୍ପର୍କରେ ଏକ ପ୍ରଚାର ପତ୍ରିକାକୁ ଅତିରିକ୍ତ ଜିଲାପାଳ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଶିକ୍ଷା ଅଭିଯାନର ପ୍ରକଳ୍ପ ନିର୍ଦ୍ଦେଶକ ନିରଞ୍ଜନ ସାହୁ, ଡେପୁଟି କଲେକ୍ଟର ବଇତୁରା ଦୀପ୍, ଜିଲା କ୍ରୀଡ଼ା ଅଧିକାରୀ ମହେନ୍ଦ୍ର କୁମାର ସାହୁ ଓ କଳାକାରର ସଭାପତି ଭୂପେଶ ଚନ୍ଦ୍ର ପ୍ରଧାନଙ୍କ ସମେତ ସାମାଜିକ କର୍ମୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ଟ୍ରକ ଓ ବସ୍ ମାଲିକ ସଂଘର କର୍ମକର୍ତ୍ତା, ଅଟୋରିକ୍ସା ଚାଳକ ସଂଘର କର୍ମକର୍ତ୍ତା ଓ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଧନଞ୍ଜୟ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଏମ୍‌ଭିଆଇ ଚିତ୍ତରଞ୍ଜନ ସେନାପତି ଓ କର୍ମଚାରୀମାନେ ସହଯୋଗ କରିଥିଲେ।



## ବଇଣ୍ଡା, ପାପସରା ବିଜୟୀ

**ବଇଣ୍ଡା,୪।୨(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ପାଇକସାହି ଖେଳ ପଡ଼ିଆଠାରେ ସୋମବାର ମା' ମାହେଶ୍ୱରୀ କ୍ରିକେଟ କପ ଉଦଘାଟିତ ହୋଇଛି। ପ୍ରଥମ ମ୍ୟାଚ୍ ବଇଣ୍ଡା ଓ ଦୁର୍ଗାପୁର ମଧ୍ୟରେ ଖେଳାଯାଇଥିଲା। ବଇଣ୍ଡା ବ୍ୟାଟିଂ କରି ୧୨୦ ରନ କରିଥିଲା। ଜବାବରେ ଦୁର୍ଗାପୁର ୬୦ ରନ କରି ପରାସ୍ତ ହୋଇଥିଲା। ସେହିପରି ୨ୟ ମ୍ୟାଚ୍ ପାପସରା ଓ ଠାକୁରଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପାପସରା ୧୦୬ ରନ କରିଥିଲା। ଠାକୁରଗଡ଼ ୮୦ ରନ କରି ପରାସ୍ତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅର୍ଜୁନ କୁମାର ସାହୁ ଯୋଗଦେଇ ଖେଳ ଉଦଘାଟନ କରିଥିଲେ। ଅଭିରାମ ସାହୁ, ବାପୁନ ପ୍ରଧାନ ପରିଚାଳନା କରିଥିଲେ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ବନ୍ତଳା, ୪।୨ (ଡି.ଏନ.ଏ.)**

ଶ୍ରୀ ଶ୍ରୀ ଜଗନ୍ନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନଙ୍କୁ ନେଇ ଚାଲିଥିବା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ବୈରାଗୀ ଚରଣ ମହାରଣା ଅଧକ୍ଷତା କରିଥିଲେ। ମୋଟ୍ ୮୫ ଛାତ୍ରୀ ଶିବିରରେ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷିକା ସୋନାଲିକା ପଣ୍ଡା ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଅଧ୍ୟାପିକା ଦୀପ୍ତିରେଖା ଦାଶ, ବୈଜୟନ୍ତୀ ପାଣିଗ୍ରାହୀ ଓ ସିପ୍ରା ରାଉତରାୟ ପରିଚାଳନା କରିଥିଲେ। ଅଧ୍ୟାପକ ଯଶୋବନ୍ତ ସାହୁ, ସଚ୍ଚିଦାନନ୍ଦ ପାଢ଼ୀ, ଶ୍ରୀମନ୍ତ କୁମାର ସାହୁ ଓ ଦୀପକ ପରିଡ଼ା ପ୍ରମୁଖ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ପାଇଁ ପ୍ରୋତ୍ସାହିତ କରିଥିଲେ। ଇଂଲିଶ ଅଧ୍ୟାପିକା ଦୀପ୍ତିରେଖା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ପାନୀୟ ଜଳ ସମସ୍ୟାରେ ହଟିଂବାସୀ

## ପ୍ରତିକାର ନ ହେଲେ ଆନ୍ଦୋଳନ



ପ୍ରତିବାଦ ସଭାରେ ଉପସ୍ଥିତ ହଟିଂବାସୀ।

**ବଅଁରପାଳ, ୪।୨ (ଡି.ଏନ୍.ଏ)**

ନାଲକୋ ସ୍ମେଲଟର ପ୍ଲାଣ୍ଟ ନିକଟ ନାଲକୋ ମୁଣ୍ଡା ହଟିଂରେ ମାସେ ହେଲା ପାନୀୟ ଜଳ ସମସ୍ୟା ଲାଗି ରହିଛି। ପ୍ରକଳ୍ପ ତରଫରୁ ଠିକ୍ ଭାବେ ପାଣି ଯୋଗାଯାଉ ନ ଥିବାରୁ ଲୋକେ ବହୁ ସମସ୍ୟା ଭୋଗୁଥିବା ଅଭିଯୋଗ ହୋଇଛି। ଏ ନେଇ ନାଲ୍‌କୋ ଲକ୍ଷ୍ମଣ ନାୟକ ନଗର ସମିତି ପକ୍ଷରୁ ସୋମବାର ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସମିତିର ଉପଦେଷ୍ଟା ରାଜୀବ ଜେନା ଏଥିରେ ସଭାପତିତ୍ୱ କରି କହିଥିଲେ ଯେ, ଏଠାରେ ପ୍ରାୟ ୭ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ନାଲକୋ ପ୍ଲାଣ୍ଟରେ ମଜୁରିଆ ଭାବେ କାର୍ଯ୍ୟ କରନ୍ତି। ପ୍ଲାଣ୍ଟ ନିର୍ମାଣରେ ଏମାନଙ୍କର ଭୂମିକା ରହିଥିଲେ ମଧ ସେମାନଙ୍କୁ ନାଲ୍‌କୋ କର୍ତ୍ତୃପକ୍ଷ ଅବହେଳା କରିଆସୁଛନ୍ତି। ରାସ୍ତା, ପାନୀୟ ଜଳ, ବିଦ୍ୟୁତ, ପରିମଳ ଆଦି ବିଭିନ୍ନ କ୍ଷେତ୍ରରେ ଅବହେଳିତ ହୋଇଆସୁଥିବା ହଟିଂବାସୀଙ୍କୁ ମାସେ ହେଲା ପ୍ରକଳ୍ପ ପକ୍ଷରୁ ଠିକ୍ ଭାବେ ପିଇବା ପାଣି ଯୋଗାଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ୭ ଦିନ ମଧ୍ୟରେ ଏହାର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ସମିତି ପକ୍ଷରୁ କୁହାଯାଇଛି। ଏଥିରେ ସମିତି ସଭାପତି ନରସିଂହ ମୁର୍ମୁ, ମାଳତି ଟୁଡୁ, ରାଣୀ ମାଝି, ଗଣେଶ୍ୱର ହେମରମ୍, ବିଶ୍ୱନାଥ ହେମରମ୍, ପାର୍ବତୀ ହାଁସଦା, ଦୁଃଖୀରାମଙ୍କ ସମେତ ହଟିଂବାସୀ ଉପସ୍ଥିତ ଥିଲେ।

## ୱାର୍ଡ କମିଟି ସାଙ୍ଗଠନିକ ବୈଠକ

**ବନ୍ତଳା, ୪।୨ (ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ନିର୍ବାଚନମଣ୍ଡଳୀର ଶରଧାପୁର ପଞ୍ଚାୟତ ନିକଟରେ ସୋମବାର ପଞ୍ଚାୟତସ୍ତରୀୟ ୱାର୍ଡ କମିଟି ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସଞ୍ଜୀବ ସାହୁଙ୍କ ନେତୃତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ତଥା ବରିଷ୍ଠ ନେତା ପ୍ରହ୍ଲାଦ ସାହୁ ସଭାପତିତ୍ୱ କରିଥିଲେ। ସରପଞ୍ଚ ବ୍ରହ୍ମାନନ୍ଦ ସାହୁ, ସମିତି ସଭ୍ୟ ସଞ୍ଜୁକ୍ତା ସାହୁ, ପୂର୍ବତନ ସମିତି ସଭ୍ୟ ଶରତ ନାୟକ, ବିଭୂତି ସାହୁ, ମହାଦେବ ପ୍ରଧାନ, ଲୋକନାଥ ସାହୁ, ଶିବ ସାହୁ ଓ ଶ୍ରୀକାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ସଚେତନ କରାଇଥିଲେ। ଏଥିସହ ଗରିବ ଚାଷୀ, ଶ୍ରମିକ ଓ ଶିକ୍ଷିତ ଛାତ୍ରୀଛାତ୍ରମାନେ କିପରି ଉପକୃତ ହେବେ ସେ ବିଷୟରେ ଆଲୋଚନା କରିଥିଲେ। ଏହି ସଭାରେ ସୁଶାନ୍ତ ପ୍ରଧାନ, ସନ୍ତୋଷ ସାହୁ, ଶରତ ଚନ୍ଦ୍ର ସାହୁ, ମାନସ ପ୍ରଧାନ, ମଦନ ସାହୁ, ରଘୁନାଥ ଦେହୁରୀଙ୍କ ସମେତ ୧୧ଟି ୱାର୍ଡର ବହୁକର୍ମୀ ଓ କର୍ମକର୍ତ୍ତା ଯୋଗଦେଇଥିଲେ।

■ ଉପଜିଲାପାଳଙ୍କୁ ୬ ଦଫା ଦାବିପତ୍ର

## ମାସେ ସମୟ ଦେଲା କ୍ଷତିଗ୍ରସ୍ତ ପ୍ରଜାସଂଘ

**ତାଳଚେର,୪।୨(ନି.ପ୍ର.)**

ତାଳଚେରର ବିଭିନ୍ନ ସମସ୍ୟା ନେଇ ଖଣିଖାଦାନ କ୍ଷତିଗ୍ରସ୍ତ ପ୍ରଜାସଂଘ ପକ୍ଷରୁ ସୋମବାର ଏକ ବିଶାଳ ଶୋଭାଯାତ୍ରା ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପୀଠରୁ ବାହାରି ବିଭିନ୍ନ ପଞ୍ଚାୟତ ସହ ସହର ପରିକ୍ରମା କରି ଜଗନ୍ନାଥ ମନ୍ଦିର ଠାରେ ପହଞ୍ଚିଥିଲା। ପରେ ସଂଘ ସଭାପତି ମନୋଜ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କୁ ଭେଟି ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ତାଳଚେରରେ ଥିବା ଘରୋଇ କମ୍ପାନୀ ଗୁଡିକରେ ୯୦ ପ୍ରତିଶତ ସ୍ଥାନୀୟ ଯୁବତୀ ଯୁବକଙ୍କୁ ନିଯୁକ୍ତି ଦେବା, ସମସ୍ତ କୋଇଲା ବୋଝେଇ ଟ୍ରେନରେ ପାଲ ଭିଡାଯିବା, ଏମ୍‌ସିଏଲ୍ ଦ୍ୱାରା ସୃଷ୍ଟି ହୋଇଥିବା କୃତ୍ରିମ ପାହାଡ ଓ ଜଳାଶୟକୁ ଉନ୍ନତୀକରଣ କରାଯାଇ କ୍ଷତିଗ୍ରସ୍ତଙ୍କୁ ପ୍ରଦାନ କରିବା, ତାଳଚେରର ଉନ୍ନତି ନିମନ୍ତେ ବାର୍ଷିକ ୫ଶହ କୋଟି ଟଙ୍କାର ୧୦ ବର୍ଷ ପର୍ଯ୍ୟନ୍ତ ଏକ ପ୍ୟାକେଜ ପ୍ରଦାନ କରାଯିବା, କଣିହାଁରୁ ଭୁବନେଶ୍ୱରକୁ ଏକ ଯାତ୍ରୀବାହି ଟ୍ରେନ୍ ଚଳାଚଳ କରିବା ଓ ପ୍ରଦୂଷଣ ନିରାକରଣ ପାଇଁ ଜିଲା ଖଣିଜ ପାଣ୍ଠିରୁ ୧ଶହ କୋଟି ଟଙ୍କା ପ୍ରଦାନ ପାଇଁ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଆଗାମୀ ୧ ମାସ ମଧ୍ୟରେ ସମସ୍ୟାର ସମାଧାନ କରା ନ ଗଲେ ସମସ୍ତ ଖଣି ଓ ପରିବହନ ବନ୍ଦ କରାଯିବ ବୋଲି ସଂଘ ଚେତାବନୀ ଦେଇଛି।




ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

■ ପ୍ରସନ୍ନ, ଜ୍ଞାନେନ୍ଦ୍ର କପ୍

## ଏନ୍‌ଟିପିସି ଚାମ୍ପିୟନ

**ବଇଣ୍ଡା,୪।୨(ଡି.ଏନ.ଏ.)**



କିଶୋରନଗର ବ୍ଲକ ବଡଡଙ୍ଗିଆଣୀ ଗ୍ରାମ ଖେଳ ପଡ଼ିଆଠାରେ ଚାଲିଥିବା ପ୍ରସନ୍ନ ଓ ଜ୍ଞାନେନ୍ଦ୍ର କପ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ବାଗେଡ଼ିଆ କ୍ରିକେଟ୍ କ୍ଲବକୁ ହରାଇ ଏନ୍‌ଟିପିସି କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ ଏନ୍‌ଟିପିସି ବ୍ୟାଟିଂ କରି ୧୦୦ ରନ କରିଥିଲା। ଜବାବରେ ବାଗେଡ଼ିଆ ୫୫ରନ କରି ପରାସ୍ତ ହୋଇଥିଲା। ବିଜୟୀ ଦଳର ରାଜେଶ ନନ୍ଦ ମ୍ୟାନ ଅଫ ଦି ମ୍ୟାଚ୍ ଓ ବାଗେଡ଼ିଆର କମଳ ଭୁକ୍ତା ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଗର୍ଜି ଦେଓ, ବୁବୁନ ସିଂ ପରିଚାଳନା କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଡିଓ ଅମୃତା ପ୍ରିୟମ୍ବଦା ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ବିଜେଡି ଯୁବ ସଭାପତି ପ୍ରତାପ ଚନ୍ଦ୍ର ମାଝି ଯୋଗ ଦେଇଥିଲେ। ଏଥିରେ ବୁଟୁ ପ୍ରଧାନ, ସମୀର ରଣା, ନୃପତି ମାଝି, ଟୁକୁ ସିଂ ସହଯୋଗ କରିଥିଲେ।

ଜିଲାରେ ୮୫ ମାଟ୍ରିକ ପରୀକ୍ଷା କେନ୍ଦ୍ର

# ୨୬୨ ସ୍କୁଲର ୧୮,୧୪୪ ପରୀକ୍ଷାର୍ଥୀ

**ଅନୁଗୋଳ ଅଫିସ, ୪।୨**

ଅନୁଗୋଳ ଜିଲାରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ପାଇଁ ୮୫ଟି କେନ୍ଦ୍ର କରାଯାଇଛି। ଏଥିରେ ୨୬୨ଟି ହାଇସ୍କୁଲର ୧୮ ହଜାର ୧୪୪ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ରେଗୁଲାରରେ ୧୭, ୪୦୬, ଏକ୍ସ ରେଗୁଲାରରେ ୪୨୭ ଜଣ, ୩୧୧ ଜଣ ଷ୍ଟେଟ ଓପନ ସ୍କୁଲ ସାର୍ଟିଫିକେଟ ମାଧ୍ୟମରେ ପରୀକ୍ଷା ଦେବେ ବୋଲି ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ସୂଚନା ଦେଇଛନ୍ତି। ସେହିପରି ଜିଲାରେ ମୋଟ ୬୧୩ ଜଣ ଷ୍ଟେଟ ଓପନ ସ୍କଲାରଶିପ୍ ସାର୍ଟିଫିକେଟ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏଥିସହ ୧୫ଟି ଅତି ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ର ଓ ୫ଟି ସମ୍ବେଦନଶୀଳ କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯିବ ବୋଲି ସେ କହିଛନ୍ତି।

ପ୍ରତ୍ୟେକ କେନ୍ଦ୍ରରେ ଜଣେ ଲେଖାଏଁ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଏବଂ ୧୧୨ ଜଣ ଉପ ପରୀକ୍ଷକ ନିୟୋଜିତ ହୋଇଛନ୍ତି। ଏଥିସହ ପରୀକ୍ଷା ପରିଚାଳନା କରିବା ପାଇଁ ମୋଟ ୧୨୬୦ ଜଣ ପରୀକ୍ଷକଙ୍କୁ ନିୟୋଜିତ କରାଯାଇଛି। ପ୍ରଶ୍ନପତ୍ର ସୁରକ୍ଷିତ ଭାବେ ରଖିବାକୁ ଜିଲାରେ ୮ଟି ନୋଡ଼ାଲ ସେଣ୍ଟର କରାଯାଇଛି। ପରିବର୍ତ୍ତିତ ସମୟ ଅନୁଯାୟୀ ପୂର୍ବାହ୍ନ ୧୦ଟାରୁ ପରୀକ୍ଷା ଆରମ୍ଭ ହେବ। ପ୍ରତ୍ୟେକ ପରୀକ୍ଷାର ପ୍ରଶ୍ନପତ୍ର ସକାଳୁ ନୋଡ଼ାଲ ସେଣ୍ଟରରୁ ପରୀକ୍ଷା କେନ୍ଦ୍ରକୁ ପଠାଯିବ। ଅନୁଗୋଳର ନୋଡ଼ାଲ ସେଣ୍ଟରରୁ ୩ଟି ଗାଡ଼ିରେ ପ୍ରଶ୍ନପତ୍ର ଯିବାର ବ୍ୟବସ୍ଥା କରାଯାଇଥିବାବେଳେ ବଅଁରପାଳ ବ୍ଲକରେ ଗୋଟିଏ ଓ ଅନ୍ୟ ୬ଟି ବ୍ଲକରେ ୨ଟି ଲେଖାଏଁ ଗାଡ଼ିରେ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରକୁ ଯିବାର ବ୍ୟବସ୍ଥା କରାଯାଇଛି। ପରୀକ୍ଷାରେ କପି ରୋକିବା ଦିଗରେ ସଚେତନତା ସୃଷ୍ଟି କରାଯିବ। ପରୀକ୍ଷା କେନ୍ଦ୍ରରେ ମୋବାଇଲ ବ୍ୟବହାର ନିଷିଦ୍ଧ କରାଯାଇଥିବାବେଳେ ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ପୋଲିସ ମୁତୟନ ହେବେ। ତେବେ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରୁଥିବା ଛାତ୍ରୀଛାତ୍ରଙ୍କୁ ଧରିବାକୁ ତ୍ରିସ୍ତରୀୟ ସ୍କ୍ୱାଡ ଗଠନ କରାଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସ୍ପେଶାଲ ସ୍କ୍ୱାଡ କରାଯାଇଥିବାବେଳେ ଜିଲା ଶିକ୍ଷା ଅଧିକାରୀଙ୍କ ଫ୍ଲାଇଂ ସ୍କ୍ୱାର୍ଡ ଓ ପ୍ରଶାସନିକ ସ୍କ୍ୱାଡ ଗଠନ କରାଯିବ ବୋଲି ଡିଇଓ ବେହେରା କହିଛନ୍ତି।




■ ୨୦ କେନ୍ଦ୍ରକୁ ଜଗିବ ସିସିଟିଭି

■ କପି ରୋକିବାକୁ ତ୍ରିସ୍ତରୀୟ ସ୍କ୍ୱାଡ୍

## ସଂକ୍ଷେପରେ

### ପେଟ୍ରୋଲ ପମ୍ପ ମ୍ୟାନେଜରଙ୍କଠାରୁ ୯ ଲକ୍ଷ ଲୁଟ୍

**ଆଠଗଡ଼,୪।୨(ସ୍ୱ.ପ୍ର.):** କଟକ ଜିଲା ଆଠଗଡ଼ସ୍ଥିତ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ନିକଟରେ ସୋମବାର ଦ୍ୱିପ୍ରହରରେ ଏକ ପେଟ୍ରୋଲ ପମ୍ପ ଓ ଗ୍ୟାସ୍ ଏଜେନ୍ସି ମ୍ୟାନେଜରଙ୍କଠାରୁ ବଡ଼ ଧରଣର ଲୁଟ୍ ହୋଇଛି। ୪ ଦୁର୍ବୃତ୍ତ ସମ୍ପୃକ୍ତ ମ୍ୟାନେଜରଙ୍କୁ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ୯ ଲକ୍ଷ ୨୭ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଆଠଗଡ଼ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୨୨/୧୯ରେ ମାମଲା ରୁଜୁ କରି ଅନୁସନ୍ଧାନ ଜାରି ରଖିଥିବା ଆଇଆଇସି ପଦାରବିନ୍ଦ ତ୍ରିପାଠୀ କହିଛନ୍ତି । ସୂଚନା ଅନୁଯାୟୀ, ଆଠଗଡ଼ ବୀରକିଶୋରପୁରସ୍ଥିତ ଧରଣୀଧର ସାହୁଙ୍କ ୨ ପେଟ୍ରୋଲ୍ ପମ୍ପ୍ ଓ ଏକ ଗ୍ୟାସ୍ ଯୋଗାଣକାରୀ ସଂସ୍ଥାର ମ୍ୟାନେଜର ନିରଞ୍ଜନ ରଣା ପୂର୍ବାହ୍ନରେ ଆଠଗଡ଼ ଷ୍ଟେଟ୍ ବ୍ୟାଙ୍କ୍‌କୁ ଟଙ୍କା ଜମା କରିବା ପାଇଁ ବାଇକ୍ ଯୋଗେ ଆସୁଥିଲେ। ଏହି ସମୟରେ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ନିକଟରେ ବିପରୀତ ଦିଗରୁ ୨ କଳା ପଲସରରେ ୪ ଦୁର୍ବୃତ୍ତ ଆସି ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲେ। ସେ ତଳେ ପଡ଼ିଯିବାପରେ ଦୁର୍ବୃତ୍ତମାନେ ତାଙ୍କୁ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ବାଇକ ଡିକିରୁ ଟଙ୍କା ଲୁଟିନେଇ ଢେଙ୍କାନାଳ ରାସ୍ତାରେ ଚାଲିଯାଇଥିଲେ। ଏ ସମ୍ପର୍କରେ ସୂଚନା ପାଇ ଆଠଗଡ଼ ପୋଲିସ ଦୁର୍ବୃତ୍ତଙ୍କ ପିଛା କରିଥିଲେ ସୁଦ୍ଧା ଟେର ପାଇପାରି ନ ଥିଲା। ଅନ୍ୟପଟେ କେତେଜଣ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ଦୁର୍ବୃତ୍ତମାନେ ଢେଙ୍କାନାଳ ରାସ୍ତାରେ ଦ୍ରୁତଗତିରେ ଯାଉଥିବାବେଳେ ଶଙ୍କରପୁରଠାରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତେବେ କୌଶଳକ୍ରମେ ସେଠାରୁ ସେମାନେ ଫେରାର ହୋଇଯାଇଛନ୍ତି। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରିରଖିଛି।

### ଫାଇନାଲରେ ଗଡ଼ସନ୍ତ୍ରୀ, ଅରାହାଟ

**ଓଡ଼ାପଡ଼ା, ୪।୨(ଡି.ଏନ.ଏ.):** ଓଡ଼ାପଡ଼ା ବ୍ଲକ କୁରୁଣ୍ଟି ଗ୍ରାମ ନିକଟ ସୁଧାକର ସାମନ୍ତସିଂହାର ଖେଳପଡ଼ିଆରେ ଚାଲିଥିବା ୯ମ ଉମ୍ବରୁଧର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଖେଳାଯାଇଥିବା ୨ଟି ସେମିଫାଇନାଲ ମ୍ୟାଚ୍‌ରେ ଗଡ଼ସନ୍ତ୍ରୀ, ଅରାହାଟ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମେ ବ୍ୟାଟିଂ କରି ବନ୍ଧା ଦଳ ୧୪.୪ ଓଭରରେ ୧୧୪ ରନ କରି ଅଲଆଉଟ୍ ହୋଇଯାଇଥିଲା। ଜବାବରେ ଗଡ଼ସନ୍ତ୍ରୀ ୭ ଉଇକେଟ ହରାଇ ୧୧୮ ରନ୍ କରି ବିଜୟୀ ହୋଇଥିଲା। ୩୯ ରନ୍ କରିଥିବା ବିଜୟୀ ଦଳର ମୁକେଶ ସାହୁ 'ମ୍ୟାନ ଅଫ୍ ଦି ମ୍ୟାଚ୍' ଘୋଷିତ ହୋଇଥିଲେ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଅରାହାଟ କଙ୍ଗଲପାଳକୁ ଭେଟିଥିଲା। କଙ୍ଗଲପାଳ ନିର୍ଦ୍ଧାରିତ ୧୫ ଓଭରରେ ୧୪୧ ରନ କରି ସମସ୍ତ ଉଇକେଟ ହରାଇଥିଲା। ଜବାବରେ ଅରାହାଟ ୧୩.୫ ଓଭରରେ ୫ ଉଇକେଟ ବିନିମୟରେ ୧୪୪ ରନ୍ ସଂଗ୍ରହ କରି ମ୍ୟାଚ୍ ଜିତିନେଇଥିଲା। ବିଜୟୀ ଦଳର ସିଲୁ ସାମଲ ୪୬ ରନ୍ କରିବା ସହ ୪ ଉଇକେଟ ଅକ୍ତିଆର କରିଥିଲେ। ତାଙ୍କୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଘୋଷଣା କରାଯାଇଥିଲା। ଶିବାଜୀ ନାୟକ, ଦୟାନିଧି ନାୟକ, ମୁନା ବିଶୋଇ, ଦୀପେନ୍ଦ୍ର ଦାସ ମ୍ୟାଚ ପରିଚାଳନା କରିଥିଲେ। ମଙ୍ଗଳବାର ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକ ବ୍ଲୁ ବିଲିୟନ ମଲଟିଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।

■ସମ୍ବର୍ଦ୍ଧନା ଉତ୍ସବରେ ଉଜ୍ଜୀବିତ ହେଲା ପରମ୍ପରା

# ଗୁରୁଙ୍କୁ ପୂଜିଲେ ଛାତ୍ର



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୪।୨**

ଓଡ଼ାପଡ଼ା ବ୍ଲକ ଘଟିପିରି ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ଗୁରୁ ସମ୍ବର୍ଦ୍ଧନା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ୧୯୯୪ ଛାତ୍ର ସଂସଦ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲ ପରିସରରେ ଏକ ସୁଦୃଶ୍ୟ ଗଣେଶ ପ୍ରତିମା ସ୍ଥାପନ କରାଯାଇଥିଲା।

ପୂର୍ବତନ ପ୍ରଧାନ ଶିକ୍ଷକ ଯଦୁନାଥ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ଶ୍ରୀନିବାସ ପଣ୍ଡା, ପୂର୍ବତନ ଶିକ୍ଷକ ହୃଷୀକେଶ ପରଡ଼ା, ସରୋଜ ମହାରଣା, ପବିତ୍ର ମୋହନ ରାଉତ, ଧ୍ରୁବଚରଣ ଗଡ଼ନାୟକ, କିଶୋର ଚନ୍ଦ୍ର ସାମଲ, ସୁଶୀଳ ମହାପାତ୍ର, ଶିକ୍ଷୟିତ୍ରୀ ନିହାରବାଳା ତୁଙ୍ଗ, ରିଚାର୍ଡ ମୀରା, ଜ୍ୟୋତିର୍ମୟୀ ମହାରଣା, ମମତା ସାହୁ, ରତ୍ନପ୍ରଭା ବିଶ୍ୱାଳ, ପ୍ରଫୁଲ୍ଲ ମହାରଣା, ଶିକ୍ଷା ବିଭାଗ କର୍ମଚାରୀ ପ୍ରଶାନ୍ତ ସାମଲ, ପ୍ରଭାକର ବାରିକ, ବିକଳ ସାହୁ, ବସନ୍ତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ପ୍ରାରମ୍ଭରେ ଓଡ଼ିଶୀ ନୃତ୍ୟର ତାଳେତାଳେ ଗୁରୁପ୍ରଣାମ ସଙ୍ଗୀତରେ ଗୁରୁମାନଙ୍କୁ ସ୍ୱାଗତ କରାଯାଇଥିଲା। ମନୋଜ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପ୍ରମୋଦ ଜେନା, ଶ୍ୟାମସୁନ୍ଦର ନାୟକ, ସୁବାସ ସାହୁ, କୀର୍ତ୍ତିବୀର୍ଯ୍ୟ ଦାସ, ବାବୁଲି ବେହେରା, ହରଦତ୍ତ ବଳିୟାର ସିଂ, ପ୍ରଶାନ୍ତ ସ୍ୱାଇଁ, ସୌଭାଗ୍ୟ ସାହୁ, ସରିତା ଜୟନ୍ତୀ ଦାସ, ପ୍ରଭାତୀ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବେଆଇନ କରତକଳରେ ଚଢ଼ାଉ

**ବନ୍ତା, ୪।୨(ସ୍ୱ.ପ୍ର.)**

ବନ୍ତା ବ୍ଲକ ସାହାଡ଼ାଠାରେ ଚାଲିଥିବା ଏକ ବେଆଇନ କରତକଳ ଉପରେ ବନବିଭାଗ ପକ୍ଷରୁ ସୋମବାର ଅଚାନକ ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କାର ନିମ୍ବ ଓ ଶାଗୁଆନ ସହ କରତକଳ ଯନ୍ତ୍ରାଂଶ ଜବତ କରାଯାଇଛି। ସଦର ତହସିଲଦାର ଶତ୍ରୁଘ୍ନ ସେଠୀ ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ଭାଗ୍ୟଶ୍ରୀ ଦ୍ୱିବେଦୀଙ୍କ ତତ୍ତ୍ୱାବଧାନରେ ଚଢ଼ାଉ କରାଯାଇଥିଲା। ଜବତ କାଠର ମୂଲ୍ୟ ୬ଲକ୍ଷ ଟଙ୍କା ହେବ। ଚଢ଼ାଉରେ ଭିଜିଲାନ୍ସ ଅଫିସର ଶ୍ୟାମ ସିଂ ଓ ଜଗନ୍ନାଥ ପରିଡ଼ା ପ୍ରମୁଖ ସାମିଲ ଥିଲେ।

## ଡ୍ରେନରୁ ଶିଶୁ ମୃତଦେହ ଉଦ୍ଧାର

**ବାଲେଶ୍ୱର ଅଫିସ, ୪।୨**

ବାଲେଶ୍ୱର ଜିଲା ଚିକିତ୍ସାଳୟ ପରିସରରେ ଥିବା ଡ୍ରେନରୁ ସୋମବାର ଏକ ନବଜାତ ଶିଶୁର ମୃତଦେହ ଉଦ୍ଧାର କରାଯାଇଛି। ମୃତଦେହ ଡ୍ରେନରେ ଭାସୁଥିବା ଘଟଣା ପ୍ରଚାରିତ ହେବାପରେ ଲୋକଙ୍କ ଭିଡ ଜମିଥିଲା। ହସ୍ପିଟାଲ ଫାଣ୍ଡି ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ମୁଖ୍ୟ ଚିକିତ୍ସାଳୟର ମ୍ୟାନେଜରଙ୍କୁ ହସ୍ତାନ୍ତର କରିଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ସୁଇପରମାନେ ଉକ୍ତ ମୃତଦେହକୁ ମଶାଣିରେ ପୋତି ଦେଇଛନ୍ତି।

■ସରୋଜ ମେମୋରିଆଲ ଭଲିବଲ ଟୁର୍ନାମେଣ୍ଟ

# ବାଇସିଙ୍ଗା, କାଶିହାଡ଼ିହ ଚାମ୍ପିୟନ


ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

**କାମାକ୍ଷାନଗର, ୪।୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସି ଅନ୍ତର୍ଗତ ରେଙ୍ଗୁଳା ଗ୍ରାମରେ ୨ଦିନ ଧରି ଚାଲିଥିବା ସରୋଜ ମେମୋରିଆଲ ଭଲିବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମାଞ୍ଚଳ ବିଭାଗରେ ବାଇସିଙ୍ଗା ଏବଂ ସହରାଞ୍ଚଳ ବିଭାଗରେ କାଶିହାଡ଼ିହ ଚାମ୍ପିୟନ ହୋଇଛନ୍ତି।

ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ। ଶନିବାର ଗ୍ରାମାଞ୍ଚଳର ଦଳକୁ ନେଇ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ସାରୁଆଳିକୁ ହରାଇ ବାଇସିଙ୍ଗା ଚାମ୍ପିୟନ ହୋଇଛି। ସେହିପରି ୨ୟ ଦିବସରେ ଜିଲାସ୍ତରୀୟ ଟିମ୍ ଯୋଗଦେଇଥିଲେ। ଏଥିରେ ଯାଜପୁରର ନିମାପାଲିକୁ ହରାଇ ଢେଙ୍କାନାଳ କାଶିହାଡ଼ିହ ଚାମ୍ପିୟନ ହୋଇଥିଲା। ପ୍ରଭାସ ମହାନ୍ତି, ଶେଷଦେବ ନାୟକ ମ୍ୟାଚ୍ ପରିଚାଳନା କରିଥିବାବେଳେ ନୂତନ ବେହେରା, ଗୋପବନ୍ଧୁ ବେହେରା, ସିପୁନ ସାହୁ , ହାପି ବେହେରା, ବୁଲୁ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ପୂର୍ବତନ ନଗରପାଳ ଧର୍ମାନନ୍ଦ ପରିଡ଼ା, ବୈଦ୍ୟରାଜ ସର୍ବେଶ୍ୱର ପାତ୍ର, ବିଜୁ ଯୁବବାହିନୀ ସଂଯୋଜିକା ତପସ୍ୱିନୀ ଭଞ୍ଜ, ନାରୀନେତ୍ରୀ ରଞ୍ଜିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୧୨୩ ଅଭିଯୋଗ ସମାଧାନ


ଜିଲାପାଳ ଜଣେ ହିତାଧିକାରୀଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି।

**ଢେଙ୍କାନାଳ ଅଫିସ, ୪।୨**

ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ବାର୍ଦ୍ଧକ୍ୟ ଭତ୍ତା, ଦିବ୍ୟାଙ୍ଗ ଭତ୍ତା, ଇନ୍ଦିରା ଆବାସ, ବିଜୁ ପକ୍କାଘର, ପୋଲିସ ସମ୍ପର୍କିତ ୨୧୪ ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିରୁ ୧୨୩ଟିର ତ୍ୱରିତ ସମାଧାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୩ଜଣଙ୍କୁ ୧୪ହଜାର ଟଙ୍କା, ରେଡ୍‌କ୍ରସ୍ ପାଣ୍ଠିରୁ ୩୬ଜଣଙ୍କୁ ଚିକିତ୍ସା ସହାୟତା ଏବଂ ଜୀବନ ଜୀବିକା ଲାଗି ୬୭ ହଜାର ଟଙ୍କା ପ୍ରଦାନ କରାଯାଇଛି।

ଜିଲାପାଳ ନିଖିଲ ପୱନ କଲ୍ୟାଣ ଅଭିଯୋଗର ଶୁଣାଣି କରିଥିଲେ। ଏସ୍‌ପି ସନ୍ତୋଷ ନାୟକ, ପିଡି ଡିଆରଡିଏ ନରୋତ୍ତମ ବେହେରା, ଉପଜିଲାପାଳ ପୀତାମ୍ବର ସାମଲ, ଡିଏଫ୍‌ଓ ସୁଦର୍ଶନ ପାତ୍ର, ସିଡିଏମ୍‌ଓ ଡା. ସଂଗ୍ରାମ କେଶରୀ ଭୋଳ, ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ର, ପଞ୍ଚାୟତ ଅଧିକାରୀ ବୀରେନ୍ଦ୍ର ହୋତା, ଯୋଗାଣ ଅଧିକାରୀ ହାଡ଼ିବନ୍ଧୁ ସେଠୀ, ଡିଇଓ ସୁଧାନନ୍ଦ ପରିଡ଼ା, ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ବିଡିଓ ସରୋଜ କୁମାର ଦତ୍ତ, ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ଦଳେଇ, ସହକାରୀ ଜିଲାପାଳ (ଜରୁରିକାଳୀନ) ଶଶାଙ୍କ ଶେଖର ମିଶ୍ର, ପିଜିସେଲ ଅଧିକାରୀ ଲଳିତ ମାଧବ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପାଥୋଲାବରେ ମହିଳାଙ୍କୁ ଅସଦାଚରଣ

**ଭଦ୍ରକ ଅଫିସ, ୪।୨**

ଭଦ୍ରକ ଜିଲା ବରପଦା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜଣେ ବିବାହିତା ମହିଳାଙ୍କୁ ଅସଦାଚରଣ କରାଯାଇଥିବ ଅଭିଯୋଗ ହୋଇଛି। ପରିସ୍ରା ପରୀକ୍ଷା କରାଯାଉଥିବା ସମୟରେ ଜଣେ କର୍ମଚାରୀ ଅସଦାଚରଣ କରିଥିବା ମହିଳା ଜଣଙ୍କ ଅଭିଯୋଗ କରିଥିଲେ। ଏହାକୁ ନେଇ ୨ ଘଣ୍ଟା ଧରି ମେଡିକାଲ ପରିସରରେ ହୋହଲ୍ଲା ସାଙ୍ଗକୁ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ଜିଲା ଚିକିତ୍ସାଧିକାରୀ ଡ. ମହମ୍ମଦ ଅବଦୁଲ ରସିଦ, ତହସିଲଦାର ପ୍ରଦୀପ ସାହୁ ପ୍ରମୁଖ ପହଞ୍ଚି ଅଭିଯୋଗକାରୀ ଏବଂ ଅଭିଯୁକ୍ତଙ୍କ ବୟାନ ରେକର୍ଡ କରିଥିଲେ। ରିପୋର୍ଟ ଲେଖାଯିବା ସୁଦ୍ଧା ଗ୍ରାମାଞ୍ଚଳ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରାଯାଇ ନ ଥିଲେ ମଧ୍ୟ ଘଟଣାକୁ ଚପାଇ ଦେବା ପାଇଁ ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି। ଘଟଣାର ତଦନ୍ତ କରାଯାଉଥିବା ସିଡିଏମ୍‌ଓ କହିଛନ୍ତି।

**ବେଆଇନ ମାଟି ଉଠାଣ**

## ଅତିରିକ୍ତ ତହସିଲଦାରଙ୍କୁ ଅଟକ ରଖିଲେ ମାଫିଆ

**ପଦ୍ମପୁର, ୪।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତ ଦେଇ ପ୍ରବାହିତ ଧଳା ନଦୀର ବାହାକୋଲାଠାରେ ନିର୍ମାଣାଧୀନ ପୋଲ ନିକଟରେ ବେଆଇନ ମାଟି ଉଠାଣକୁ ବିରୋଧ କରିବାରୁ କେତେଜଣ ଅସାମାଜିକ ବ୍ୟକ୍ତି ସ୍ଥାନୀୟ ଅତିରିକ୍ତ ତହସିଲଦାରଙ୍କୁ ଦୁର୍ବ୍ୟବହାର କରିବା ସହ ଅଟକ ରଖିଥିଲେ। ଏଥିସହ ଜଣେ ତହସିଲ କର୍ମଚାରୀଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ବାହାକୋଲାଠାରେ ବେଆଇନ ଭାବେ ମାଟି ଉଠାଯାଇ ନଦୀରେ ପକାଯାଉଥିବା ଖବର ପାଇ ଅତିରିକ୍ତ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ କର୍ମଚାରୀଙ୍କ ସହ ସୋମବାର ଅପରାହ୍ନରେ ପହଞ୍ଚିଥିଲେ। ବେଆଇନ ଭାବେ ମାଟି ଉଠାଇଥିବା ଏକ ଟ୍ରାକ୍ଟରକୁ ବାରଣ କରାଯିବାରୁ କେତେକ ବ୍ୟକ୍ତି ଆର୍‌ଆଇ ସତ୍ୟରଞ୍ଜନ ମଲ୍ଲିକ, ଅତିରିକ୍ତ ଆର୍‌ଆଇ ବୁଲବୁଲ ସିଂ, ଡ୍ରାଇଭର ମନୋରଞ୍ଜନ ସାହୁ, ଅତିରିକ୍ତ ତହସିଲଦାରଙ୍କୁ ଘେରିଯାଇ ଦୁର୍ବ୍ୟବହାର କରିବା ସହ ମୋବାଇଲ ଛଡ଼ାଇ ନେଇଥିଲେ। ଦୁର୍ବୃତ୍ତଙ୍କ ମାଡ଼ରେ ଡ୍ରାଇଭର ମନୋରଞ୍ଜନଙ୍କ ମୁଣ୍ଡ ଫାଟି ଯାଇଛି। ଏ ନେଇ ତହସିଲଦାର ପ୍ରକାଶ କୁମାର ରାଉଳ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିବା ସହ ଅତିରିକ୍ତ ଜିଲାପାଳ ଓ ଏସ୍‌ପିଙ୍କୁ ଅବଗତ କରାଇଛନ୍ତି। ବାସୁଦେବପୁର ଥାନାଧିକାରୀ ଉମାଶଙ୍କର ନାୟକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଅତିରିକ୍ତ ତହସିଲଦାରଙ୍କ ସମେତ ଅନ୍ୟ କର୍ମଚାରୀଙ୍କୁ ୨ ଘଣ୍ଟା ପରେ ଉଦ୍ଧାର କରିଥିଲେ।

# ଭିଜନ ଟେକ୍ନିସିଆନ ତାଲିମ



ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରଶିକ୍ଷାର୍ଥୀମାନେ।

**ଢେଙ୍କାନାଳ ଅଫିସ, ୪।୨**

କେନ୍ଦ୍ର ସରକାରଙ୍କ ହେଲ୍‌ଥ ସେକ୍ଟର ସ୍କିଲ କାଉନ୍‌ସିଲ ଯୋଜନା ଆନୁକୂଲ୍ୟରେ ସ୍ଥାନୀୟ ଦକ୍ଷିଣକାଳୀ ରୋଡ୍‌ସ୍ଥିତ କଳିଙ୍ଗ ଚକ୍ଷୁ ଚିକିତ୍ସାଳୟରେ ସୋମବାରଠାରୁ ଆରମ୍ଭ ହୋଇଛି ଭିଜନ ଟେକ୍ନିସିଆନ ତାଲିମ ଶିବିର। ପ୍ରଥମ ପର୍ଯ୍ୟାୟରେ ୨୦ ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇ ଦକ୍ଷତା ବୃଦ୍ଧି କରାଯିବ। ଚକ୍ଷୁ ଚିକିତ୍ସା ସମ୍ବନ୍ଧୀୟ ଶିକ୍ଷା, ପ୍ରାକ୍ଟିକାଲ, ଏକ୍ସପୋଜର ଭିଜିଟ ଆଦି ବିଷୟରେ ଶିକ୍ଷାଦାନ ଦିଆଯିବ। ପ୍ରଶିକ୍ଷଣ ନେବାପରେ ସମ୍ପୃକ୍ତ ପ୍ରଶିକ୍ଷାର୍ଥୀ ରୋଗୀ ସେବାରେ ସହାୟତା କରିପାରିବେ। ଚଷମା ପରୀକ୍ଷା, ଚଷମା ତିଆରି କାର୍ଯ୍ୟ ଦକ୍ଷତାର ସହ ତୁଲାଇପାରିବେ।

ଚିକିତ୍ସାଳୟ ମୁଖ୍ୟ ଡା. ରସାନନ୍ଦ ଗଡ଼ନାୟକ, ଉପନିର୍ଦ୍ଦେଶକ ସୁନୀଲ କୁମାର ମିଶ୍ର, ପରିଚାଳକ ସବିତା ବେହେରା, ରାଜେଶ ନାୟକ, ଦୀପ୍ତିରଞ୍ଜନ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ଶୋଭାଯାତ୍ରାରେ ମତଦାନ ସଚେତନତା



ଶୋଭାଯାତ୍ରାରେ ଛାତ୍ରୀଛାତ୍ର ଗ୍ରାମ ପରିକ୍ରମା କରୁଛନ୍ତି।

**ଢେଙ୍କାନାଳ ଅଫିସ, ୪।୨**

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ କାମାକ୍ଷାପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟର ଇଲେକ୍ଟୋରାଲ ଲିଟେରାସି କ୍ଲବ ପକ୍ଷରୁ ସୋମବାର ଭୋଟର ସଚେତନତା ସଭା ଆୟୋଜିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅକ୍ଷୟ କୁମାର ପତି ଏଥିରେ ସଭାପତିତ୍ୱ କରି ଛାତ୍ରୀଛାତ୍ରଙ୍କୁ ମତଦାନ ସମ୍ପର୍କରେ ବୁଝାଇଥିଲେ।

ଏହି ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ପଦ୍ମିନୀ ପ୍ରିୟଦର୍ଶିନୀ ପ୍ରଥମ, ଶୋଭନ୍ ଦାସ ଦ୍ୱିତୀୟ ଏବଂ ସ୍ୱାଗତିକା ରାଉତ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ଏଥିସହ ଛାତ୍ରୀଛାତ୍ରମାନେ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରି ମତଦାନ ସାବ୍ୟସ୍ତ କରିବା ଦିଗରେ ସଚେତନ କରାଇଥିଲେ। ଶିକ୍ଷକ ଭ୍ରମରବର ପ୍ରଧାନ, ନରେଶ ମହାରଣା, ସଦାନନ୍ଦ ଭୋଳ, ଶିକ୍ଷୟିତ୍ରୀ ବିଦ୍ୟୁତ୍‌ପ୍ରଭା ଶତପଥୀ, ବିଷ୍ଣୁପ୍ରିୟା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫଟୋରେ ଖବର



ଭାରତୀୟ ମଜଦୁର ସଂଘ ଏବଂ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ଶାଖା ପକ୍ଷରୁ ୪ ଦଫା ଦାବିରେ ସୋମବାର ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।


ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଏକଘରିଆ ଗ୍ରାମସ୍ଥିତ ଶରଣ ଶ୍ରୀକ୍ଷେତ୍ରରୁ ମହାପ୍ରଭୁ ଜଗନ୍ନାଥଙ୍କୁ ଲାଗିହେବା ପାଇଁ ତୁଳସୀଦୟଣା ନିଆଯାଉଛି।



ବିଶ୍ୱ କର୍କଟ ଦିବସ ଉପଲକ୍ଷେ ଢେଙ୍କାନାଳ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସ୍ଥାନୀୟ ଏଏନ୍‌ଏମ୍ ସେଣ୍ଟରରୁ ବାହାରିଥିବା ସଚେତନତା ଶୋଭାଯାତ୍ରାକୁ ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ରାଜକିଶୋର ସେଠୀ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ଧରିତ୍ରୀର ଢେଙ୍କାନାଳ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର- ୯୯୩୭୦୭୯୭୭୦, ରାସୋଲ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୬୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ- ୭୮୯୪୪୬୨୯୧୨, ବର୍ଥରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ୨୫ ଶିଫ୍ଟ କାଠ ଜବତ



**ଢେଙ୍କାନାଳ ଅଫିସ, ୪।୨:** ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅନ୍ତର୍ଗତ ବଳଦିଆବନ୍ଧ ଗ୍ରାମ୍ୟ ଜଙ୍ଗଲରୁ ସୋମବାର ବନ ବିଭାଗ ୨୫ ଶିଫ୍ଟ କାଠ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୨୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହେବ। କେତେଜଣ ଲୋକ ବେଆଇନ ଭାବେ ଗଛ କାଟୁଥିବା ଦେଖି ଅଞ୍ଚଳବାସୀ ପ୍ରତିବାଦ କରିବା ସହ ବନ ବିଭାଗକୁ ସୂଚନା ଦେଇଥିଲେ। ବନ କର୍ମଚାରୀ ପହଞ୍ଚି କାଠ ଜବତ କରିଥିଲେ। ଜବତ କାଠକୁ ସରପଞ୍ଚଙ୍କ ଜିମା ଦିଆଯାଇଥିବା ରେଞ୍ଜର ଦର୍ଶନିଆ ଭୋଇ ସୂଚନା ଦେଇଛନ୍ତି।

### କାର୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ରାସୋଳ, ୪।୨(ଡି.ଏନ୍.ଏ.):** ରାସୋଳ ଥାନା ଅନ୍ତର୍ଗତ ପୁରୁଣା କଟକ-ସମ୍ବଲପୁର ରାସ୍ତାର ମା' ସୁକିଆବାଉତୀ ମନ୍ଦିର ନିକଟରେ ସୋମବାର ଅପରାହ୍ଣରେ ଦୁର୍ଘଟଣା ଘଟିଛି। କାର୍ (ଓଡ଼ି ୦୩ ବି ୫୦୧୮) ଧକ୍କାରେ ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳର ବାଇକ୍ ଆରୋହୀ ଧନୁର୍ଜୟ ପାତ୍ର (୩୫) ଗୁରୁତର ହୋଇଛନ୍ତି। ଧନୁର୍ଜୟ ତାଳଚେରରୁ ଘରକୁ ଫେରୁଥିବାବେଳେ ବିପରୀତ ପାର୍ଶ୍ୱରୁ ଆସୁଥିବା ଉକ୍ତ କାର୍ ଧକ୍କା ଦେଇଥିଲା। ୧୦୮ ଆମ୍ବୁଲାନ୍ସ ସହାୟତାରେ ତାଙ୍କୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିଛି। କାର୍ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି।

### ମନେପଡ଼ିଲେ ମଧୁସୂଦନ

**ଢେଙ୍କାନାଳ ଅଫିସ, ୪।୨:** ଢେଙ୍କାନାଳ ବସନ୍ତବିହାରସ୍ଥିତ ଉତ୍କଳ ସମ୍ମିଳନୀ ଶାଖା କାର୍ଯ୍ୟାଳୟରେ ସୋମବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସ୍ମୃତିଚାରଣ କରାଯାଇଛି। ଆୟୋଜିତ ସ୍ମୃତିସଭାରେ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସଭାପତି ବସନ୍ତ କୁମାର ତ୍ରିପାଠୀ ଅଧକ୍ଷତା କରିବା ସହ ମଧୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ଗଠନରେ ମଧୁ ବାରିଷ୍ଟରଙ୍କ ଅବଦାନ, ତ୍ୟାଗପୂତ ଜୀବନ, ଓଡ଼ିଆ ଜାତି ପ୍ରତି ଥିବା ପ୍ରତିବଦ୍ଧତା ସମ୍ପର୍କରେ ସ୍ମୃତିଚାରଣ କରାଯାଇଥିଲା। ଜ୍ଞାନଚାନ୍ଦ ମିଶ୍ର, ସୁରେଶ ମହାପାତ୍ର, ବାହାଦୁର ପାଟଶାହାଣୀ, ଶରତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ପ୍ରତାପ ଦାସ ଧନ୍ୟବାଦ ଦେଇଥିଲେ।

### ଅଭିଯୁକ୍ତ ଗିରଫ

**ଭୁବନ, ୪।୨(ଡି.ଏନ.ଏ.):** କୋର୍ଟ ନିର୍ଦ୍ଦେଶ ଅବମାନନା କରି ଗିରଫ ହୋଇଛନ୍ତି ଭୁବନ ଥାନା ଅନ୍ତର୍ଗତ ବାଲିବୋ ଗ୍ରାମର ଅଭୟ ସ୍ୱାଇଁ। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ନାମରେ ଜେଏମ୍ଏଫ୍ସି କୋର୍ଟରେ ଜିଆର୍ ନଂ. ୮/୧୮ରେ ମାମଲା ଦାୟର କରାଯାଇଥିଲା। କୋର୍ଟ ନିର୍ଦ୍ଦେଶକୁ ବେଖାତିର କରି ସେ ଫେରାର ଥିଲେ। ଏହାପରେ ତାଙ୍କ ନାମରେ ଗିରଫ ପରୱାନା ଜାରି କରାଯାଇଥିବା ଏଏସ୍ଆଇ ପ୍ରଦୀପ ପାଣି ସୂଚନା ଦେଇଛନ୍ତି।

### କାମରେ ଆସୁନି ଗଭୀର ନଳକୂପ

**ଢେଙ୍କାନାଳ ଅଫିସ, ୪।୨:** ଗଁଦିଆ ବ୍ଲକ ପୋରୁହଖୋଜ ପଞ୍ଚାୟତ ଅନ୍ତର୍ଗତ ସାଆନ୍ଦାପାଟଣା ରାଜସ୍ୱ ଗ୍ରାମରେ ଖନନ କରାଯାଇଥିବା ଗଭୀର ନଳକୂପ କାର୍ଯ୍ୟକ୍ଷମ ହେଉନାହିଁ। ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଆଗକୁ ଖରାଦିନ ଆସୁଥିବାରୁ ନଳକୂପ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଦାବି କରିଛନ୍ତି ଅଞ୍ଚଳବାସୀ। ସାଆନ୍ଦାପଶିପାଟଣା ରାଜସ୍ୱ ଗ୍ରାମର ଜନସଂଖ୍ୟା ୨ହଜାରରୁ ଅଧିକ। ଖରାଦିନ ଆସିଲେ କୂଅ, ପୋଖରୀ ପାଣି ଶୁଖିଯାଏ। ପାଣି ପାଇଁ ଅତୀତରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଥିବା ନଜିର ରହିଛି। ବାରମ୍ବାର ଦାବିପରେ ବର୍ଷେ ତଳେ ଗ୍ରାମଦେବୀଙ୍କ ପୀଠ ନିକଟରେ ଜାଗା ଚିହ୍ନଟ କରାଯାଇ ଜିଲା ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ଗଭୀର ନଳକୂପ ଖୋଳାଯାଇଥିଲା। ହେଲେ ଏହା କାମରେ ଆସୁନାହିଁ। ଆସନ୍ତା ୧୧ତାରିଖ ମଧରେ ଦାବି ପୂରଣ ନ ହେଲେ ବ୍ଲକ କାର୍ଯ୍ୟାଳୟରେ ଅନଶନରେ ବସିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ମୁରଲୀଧର ରାଉତ, ଗଦାଧର ସାହୁ, ଯମୁନା ସାହୁ, ସଂଯୁକ୍ତା ସେଠୀ, ପ୍ରଭାତୀ ରାଉତ ପ୍ରମୁଖ ଉପଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି।

■ଜାତୀୟ ସଡ଼କ ସୁରକ୍ଷା ସପ୍ତାହ

# ଅବ୍ୟବସ୍ଥାରୁ ଆରମ୍ଭ

**ଢେଙ୍କାନାଳ ଅଫିସ, ୪।୨**

ବ୍ୟାପକ ଅବ୍ୟବସ୍ଥା ମଧରେ ଢେଙ୍କାନାଳରେ ସୋମବାରଠାରୁ ଆରମ୍ଭ ହୋଇଛି ଜାତୀୟ ସଡ଼କ ସୁରକ୍ଷା ସପ୍ତାହ। ଉଦ୍‌ଘାଟନୀ ସମାରୋହରେ କୌଣସି ପ୍ରଶାସନିକ ଅଧିକାରୀଙ୍କ ଦେଖା ମିଳି

■ସମୟରେ ଆସିଲେନି ପ୍ରଶାସନିକ ଅଧିକାରୀ

■ଅପେକ୍ଷା କରି ହଇରାଣ ହେଲେ ଛାତ୍ରୀଛାତ୍ର

ନ ଥିଲା। ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକାଠି ହୋଇଥିବା ଶତାଧିକ ଛାତ୍ରୀଛାତ୍ରଙ୍କୁ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଅପେକ୍ଷା କରିବାକୁ ପଡ଼ିଥିଲା। ଏପରି କି ପରିବହନ କାର୍ଯ୍ୟାଳୟର ଅଧିକାରୀମାନେ ମଧ ବ୍ୟସ୍ତବିବ୍ରତ ହୋଇପଡ଼ିଥିଲେ। ଅଧିକାରୀଙ୍କ ମଧରେ ସମନ୍ୱୟ ଅଭାବରୁ ଏପରି ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା, ଯାହା ପ୍ରଶାସନର ସମୟଜ୍ଞାନ ଅଭାବକୁ ପଦାରେ ପକାଇଥିବା ସାଧାରଣରେ ଆଲୋଚନା ହେଉଛି।

ପୂର୍ବାହ୍ଣ ସାଢ଼େ ୮ଟାରେ ଜିଲା କାର୍ଯ୍ୟାଳୟ ପରିସରରେ ୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହର ଶୁଭାରମ୍ଭ ହେବ ବୋଲି ସୂଚନା ଦିଆଯାଇଥିଲା। ଜିଲା ସଡ଼କ ସୁରକ୍ଷା କମିଟି ଅଧକ୍ଷ ତଥା ଜିଲାପାଳଙ୍କ ଦ୍ୱାରା କାର୍ଯ୍ୟକ୍ରମ ଆରମ୍ଭ ହେବାର ଥିଲା। ତଦନୁଯାୟୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ସାମାଜିକ ସଙ୍ଗଠନର କର୍ମକର୍ତ୍ତା, ପରିବହନ କାର୍ଯ୍ୟାଳୟ କର୍ମଚାରୀ, ଗଣମାଧମ ପ୍ରତିନିଧି ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକତ୍ରିତ ହୋଇଥିଲେ। ହେଲେ ଏକଘଣ୍ଟା ବିତିବା ପରେ ମଧ ଜିଲାପାଳ, ଅତିରିକ୍ତ ଜିଲାପାଳ କିମ୍ବା କୌଣସି ପ୍ରଶାସନିକ ଅଧିକାରୀ ଆସି ନ ଥିଲେ। ଫଳରେ ପରିବହନ କାର୍ଯ୍ୟାଳୟର ଅଧିକାରୀମାନେ ଏସ୍‌ପିଙ୍କୁ ଡାକିଥିଲେ। ଏସ୍‌ପି ସନ୍ତୋଷ କୁମାର ନାୟକ ପତାକା ଦେଖାଇ ସଡ଼କ ସୁରକ୍ଷା ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ୪୦ ଛାତ୍ରୀଛାତ୍ରଙ୍କୁ ଷ୍ଟୁଡେଣ୍ଟ ଟ୍ରାଫିକ ଭଲ୍ୟୁଣ୍ଟିୟର ବ୍ୟାଜ୍ ଏବଂ ଟୋପି ପ୍ରଦାନ କରାଯାଇଥିଲା। ଏହାପରେ ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସ୍ଲୋଗାନ୍ ଦେଇ ସହର ପରିକ୍ରମା କରିବା ସହ ସଚେତନତା ବାଣ୍ଟିଥିଲା।



ଏସ୍‌ପି ଜାତୀୟ ସଡ଼କ ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

ଅତିରିକ୍ତ ଏସ୍‌ପି ହରେକୃଷ୍ଣ ପ୍ରଧାନ, ବିନୟକୃଷ୍ଣ କାମିଲା, ଏସ୍‌ଡିପିଓ ଶେଖ୍ ଅବଦୁଲ କରିମ୍, ଡିଏସ୍‌ପି ପ୍ରଶାନ୍ତ କୁମାର ବିଶୋଇ, ମୋଟରଯାନ ନୀରିକ୍ଷକ ଶ୍ରୀବତ୍ସ ଦଳେଇ, ଜିଲା ରକ୍ତଦାତା ଅନୁପ୍ରେରକ ସଂଘ ସଭାପତି ବିରଞ୍ଚି ନାରାୟଣ ପାଣି, ସଡ଼କ ସୁରକ୍ଷା କମିଟି ସଦସ୍ୟ ପ୍ରଦ୍ୟୁମ୍ନ ରଥ, ରାଜକିଶୋର ବେହେରା, ଅଭିମନ୍ୟୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟନାରାୟଣ କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଏ ସଂକ୍ରାନ୍ତରେ ଆଞ୍ଚଳିକ ପରିବହନ ଅଧିକାରୀ ବସନ୍ତ କୁମାର ସେଠୀ କୁହନ୍ତି, ଜିଲାପାଳଙ୍କୁ ପୂର୍ବରୁ ଜଣାଇ ସମୟ ନିର୍ଦ୍ଧାରିତ ହୋଇଥିଲା। ରବିବାର ରାତିରେ ସେ ଅନ୍ୟ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ବିଳମ୍ବରେ ଫେରିଥିଲେ। ତେଣୁ ସକାଳୁ ଆସି ନ ଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ଏସ୍‌ପି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି। ଅତିରିକ୍ତ ଜିଲାପାଳଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇ ନ ଥିବା ସେ କହିଛନ୍ତି।

## ସେଲ୍ଫି କର୍ଣର



@ ରାକେଶ



@ ଅରୁଣ

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ**
dklselfie@gmail.com
(ବଛା ବଛା ସେଲ୍ଫି ପ୍ରକାଶ ପାଇବ)

# ଏସ୍‌ପିଙ୍କୁ ଭେଟିଲେ ବ୍ୟବସାୟୀ



**ଢେଙ୍କାନାଳ ଅଫିସ, ୪।୨**

**କଣ୍ଟାବଣିଆ ଅଞ୍ଚଳରେ ବଢୁଛି ଅସାମାଜିକ କାର୍ଯ୍ୟ**

ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ଅଞ୍ଚଳରେ ବୃଦ୍ଧି ପାଉଥିବା ଅସାମାଜିକ କାର୍ଯ୍ୟକଳାପରେ ଜନସାଧାରଣ ଅତିଷ୍ଠ ହୋଇପଡ଼ିଲେଣି। ଲଗାତର ଚୋରି ଯୋଗୁ ବ୍ୟବସାୟୀମାନେ ଚିନ୍ତାରେ ପଡ଼ିଛନ୍ତି। ଏହାର ପ୍ରତିବାଦରେ ସେମାନେ ସୋମବାର ସନ୍ଧ୍ୟାରେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବ୍ୟବସାୟୀମାନେ ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଅଞ୍ଚଳରେ ୩ଟି ସରକାରୀ ମଦ ଦୋକାନ ରହିଛି। ସେହିପରି ୫ରୁ ଊର୍ଦ୍ଧ୍ୱ ଚୋରା ମଦ ଦୋକାନ ଜହର ବାଣ୍ଟୁଛି। ଶସ୍ତାରେ ମିଳୁଥିବା ମଦ ପିଇ ମଦ୍ୟପମାନେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ମହିଳାମାନଙ୍କ ଘରୁ ବାହାରିବା ମୁସ୍କିଲ ହୋଇଗଲାଣି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଅଭିଯୋଗକାରୀଙ୍କୁ ଥାନାରେ ଅସଦ୍ ବ୍ୟବହାର ପ୍ରଦର୍ଶନ କରାଯାଉଛି। କଣ୍ଟାବଣିଆ ବଜାରରେ ରବିବାର ବସୁଥିବା ସାପ୍ତାହିକ ହାଟ ନିଶା କାରବାରର ଆଡ୍ଡାସ୍ଥଳୀ ପାଲଟିଥିବାବେଳେ ଅବକାରୀ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଅଭିଯୁକ୍ତଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିବା, ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି, ବେଆଇନ ମଦ ଦୋକାନ ବନ୍ଦ, ହାଟରେ ବିଶୃଙ୍ଖଳା ରୋକିବାକୁ ପୋଲିସ ମୁତୟନ କରିବାକୁ ଜୟକୃଷ୍ଣ ପାଣିଗ୍ରାହୀ, ଚନ୍ଦନ ସାହୁ, ଅମର ସାହୁ, ମଳୟ ବେହେରା, ମଙ୍ଗରାଜ ସ୍ୱାଇଁ ମହାପାତ୍ର ପ୍ରମୁଖ ଦାବି କରିଛନ୍ତି।

### ବାଇକ୍ ଧକ୍କାରେ ଛାତ୍ରୀ ଗୁରୁତର, ଉତ୍ତେଜନା

**କାମାକ୍ଷାନଗର, ୪।୨(ଡି.ଏନ.ଏ.)**

କାମାକ୍ଷାନଗର ଥାନା ମହୁଲପାଳରେ ସୋମବାର ବାଇକ୍ ଧକ୍କାରେ ବଣ୍ଟିଆ ବେହେରାଙ୍କ ଝିଅ ଲକ୍ଷ୍ମୀପ୍ରିୟା (୫) ଗୁରୁତର ହୋଇଛନ୍ତି। ଦୁର୍ଘଟଣା ଘଟାଇ ବାଇକ୍ ଚାଳକ ଫେରାର ହୋଇଯାଇଛନ୍ତି। ଏହାକୁ ନେଇ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ହମ୍ପସ୍ ନିର୍ମାଣ ଦାବିରେ ଅଞ୍ଚଳବାସୀ ୨ଘଣ୍ଟା ଧରି ଢେଙ୍କାନାଳ-କାମାକ୍ଷାନଗର ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଏଏସ୍ଆଇ ବ୍ରହ୍ମାନନ୍ଦ ସାହୁ, ସିଆର୍‌ସିସି ମନୋରଞ୍ଜନ ସାହୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଲକ୍ଷ୍ମୀପ୍ରିୟା ମହୁଲପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢୁଛନ୍ତି। ମଧାହ୍ନ ଭୋଜନ ଖାଇସାରି ବାହାରକୁ ଆସିବା ବେଳକୁ ଏହି ଦୁର୍ଘଟଣା ଘଟିଥିଲା। ତାଙ୍କୁ ପ୍ରଥମେ କାମାକ୍ଷାନଗର ଡାକ୍ତରଖାନା ଏବଂ ଅବସ୍ଥା ଗୁରୁତର ହେବାରୁ ପରେ ଢେଙ୍କାନାଳ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

■ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ଅଧିବେଶନ

# ଏକାଠି ହେଲେ, ସମସ୍ୟା ଉଠାଇଲେ

**ଢେଙ୍କାନାଳ ଅଫିସ, ୪।୨**

ଢେଙ୍କାନାଳ ବରିଷ୍ଠ ନାଗରିକ ମଞ୍ଚର ମଧବର୍ତ୍ତିକାଳୀନ ସାଧାରଣ ଅଧିବେଶନ ରବିବାର ସ୍ଥାନୀୟ ଅଭିନନ୍ଦନ ଗାର୍ଡେନରେ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ବରିଷ୍ଠ ନାଗରିକ ଏକାଠି ହୋଇ ଅଞ୍ଚଳର ସମସ୍ୟା ସମାଧାନ କରିବାକୁ ଦୃଢ଼ ଦାବି ଉପସ୍ଥାପନ କରିଥିଲେ।

ସଭାପତି ରମାକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଉପଦେଷ୍ଟା ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ, ଉମେଶ ଚନ୍ଦ୍ର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଦିବଂଗତ ସଦସ୍ୟଙ୍କ ଅମରାତ୍ମାର ସଦ୍‌ଗତି ଲାଗି ନୀରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ ନାଗରିକଙ୍କ ଲାଗି ଚିତ୍ତବିନୋଦନ କେନ୍ଦ୍ର ଖୋଲିବା, ମାତ୍ରାଧିକ ଡିଜେ ବ୍ୟବହାର ବନ୍ଦ, ପରିମଳ ବ୍ୟବସ୍ଥା ସୁଧାରିବା, ସହର ସୌନ୍ଦର୍ଯ୍ୟ ହ୍ରାସ କରୁଥିବା ହୋର୍ଡିଂ ହଟାଇବା, ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ଉତ୍ତମ ସେବା ଲାଗି ପୁରସ୍କାର, ଦୁର୍ନୀତି ନିବାରଣ, ଶିକ୍ଷାରେ ସଂସ୍କାର, ବ୍ୟସ୍ତବହୁଳ ରାସ୍ତାରୁ ହମ୍ପସ ହଟାଇବା ଆଦି ଦାବି ଏବଂ ଅଭିଯୋଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ୧୩ଜଣ ନୂତନ ସଦସ୍ୟ ମଞ୍ଚରେ ଯୋଗଦେଇଥିଲେ।

ଉମେଶ ଚନ୍ଦ୍ର ପଟ୍ଟନାୟକ, ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ, ବିଧୁଭୂଷଣ ନନ୍ଦ, ଯମେଶ୍ୱର ପୃଷ୍ଟି, ବିପିନ ବିହାରୀ ପଟ୍ଟନାୟକ, ଭିକାରି ଚରଣ ରାଉତ, ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ପ୍ରମୋଦ ମିଶ୍ର, ଅଜୟ ମିଶ୍ର, କାଳିନ୍ଦୀ ଚରଣ ସାହୁ, ଉପେନ୍ଦ୍ର ରାଉତ, ଡ. ନିଳନ ମିଶ୍ର, ଦୈତାରି ପରିଡ଼ା ପ୍ରମୁଖ ସୁଚିନ୍ତିତ ମତାମତ ଦେଇଥିଲେ। ପ୍ରାରମ୍ଭରେ ସମ୍ପାଦକ ବସନ୍ତ ପଟ୍ଟନାୟକ ବିବରଣୀ ପାଠ କରିଥିବାବେଳେ ଉପଦେଷ୍ଟା ପ୍ରହ୍ଲାଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଶିକ୍ଷା ସୁଦୃଢ଼ ହେଲେ ସମୃଦ୍ଧ ହେବ ଦେଶ'



ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ଢେଙ୍କାନାଳ ଅଫିସ, ୪।୨**

ଢେଙ୍କାନାଳ ସହର ଉପକଣ୍ଠ ରଞ୍ଜାସ୍ଥିତ ରୟାଲ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲର ୨ୟ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ବିଶ୍ୱବ୍ୟାପୀ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ଉନ୍ନତି ଘଟିଛି। ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହେଲେ ଦେଶ ସମୃଦ୍ଧ ହେବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ।

ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଶିକ୍ଷା ହେଉଛି ଜ୍ଞାନର ଆଲୋକ। ଏହାକୁ ମାଧମ କରି ଶିଶୁ ଭବିଷ୍ୟତରେ ଦେଶ ଗଢ଼ିଥାଏ। ଛାତ୍ରୀଛାତ୍ର ବଡ଼ ହୋଇ ନିଜକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଇଥାନ୍ତି। ବାଲ୍ୟାବସ୍ଥାରୁ ଶିକ୍ଷାକୁ ସାଥୀ କରିବାକୁ ସେ ପରାମର୍ଶ ଦେଇଥିଲେ। ସ୍କୁଲ ପ୍ରତିଷ୍ଠାତା ତଥା ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଡ. ରାମଚନ୍ଦ୍ର ମଲ୍ଲ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ପରିଚାଳନା ନିର୍ଦ୍ଦେଶକ ନେତ୍ରଜ୍ୟୋତି ମହାନ୍ତି, ପଞ୍ଚାନନ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରିନ୍ସିପାଲ ପ୍ରିୟବ୍ରତ ନାୟକ, ଶିକ୍ଷୟିତ୍ରୀ ଶୁଭଶ୍ରୀ ବେହେରା, ଲିଜେଶ୍ୱରୀ ଭୋଇ, ଶିକ୍ଷକ ନେତ୍ରାନନ୍ଦ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତପସ୍ୱିନୀ ବିନ୍ଧାଣୀ, ସଙ୍ଗୀତା ବେହେରା, ଶ୍ୟାମସୁନ୍ଦର ବେହେରା, ଜ୍ୟୋତ୍ସ୍ନାରାଣୀ ମିଶ୍ର, ବିଶ୍ୱଜିତ୍ ପରିଡ଼ା, ଯଜ୍ଞଦତ୍ତ ସ୍ୱାଇଁଙ୍କ ସମେତ ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

■୬ରେ କାମାକ୍ଷାନଗର ଆସିବେ ୨ କେନ୍ଦ୍ରମନ୍ତ୍ରୀ

# ୫୩ନଂ. ରାଜପଥ ଦୋହରୀକରଣ ଶିଳାନ୍ୟାସ ହେବ

**କାମାକ୍ଷାନଗର, ୪।୨(ଡି.ଏନ.ଏ.)**

ଅନୁଗୋଳ, ଢେଙ୍କାନାଳ ଏବଂ ଯାଜପୁର ଜିଲାର ଲାଇଫ୍ ଲାଇନ୍ କୁହାଯାଉଥିବା ୫୩ନଂ. ଜାତୀୟ ରାଜପଥ ୪ ଲେନ୍ ବିଶିଷ୍ଟ କରାଯିବ। ୬ତାରିଖରେ କାମାକ୍ଷାନଗରରେ ଏହାର ଶିଳାନ୍ୟାସ କାର୍ଯ୍ୟକ୍ରମ ରହିଛି। ଏଥିରେ ଯୋଗଦେବେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଏବଂ ତୈଳମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଜରିଡ଼ାମାଳି ଜଳସେଚନ ଡାକବଙ୍ଗଳାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ବିଭୂତି ଭୂଷଣ ପ୍ରଧାନ ଏହି ସୂଚନା ଦେଇଛନ୍ତି।

■ବ୍ୟୟ ଅଟକଳ ୨,୩୪୨କୋଟି

■ନିର୍ମାଣ ହେବ ୨ ବୃହତ୍ ବ୍ରିଜ୍

ତାଳଚେରରୁ ଢେଙ୍କାନାଳ ଜିଲା ଦେଇ ଡୁବୁରୀକୁ ସଂଯୋଗ କରୁଛି ୫୩ନଂ. ଜାତୀୟ ରାଜପଥ। ସେଠାରୁ ଉକ୍ତ ରାସ୍ତା ଚଣ୍ଡିଖୋଲ ଯାଏ ପରିବର୍ଦ୍ଧିତ ହୋଇଛି। ଏହା ୨ଲେନ୍ ବିଶିଷ୍ଟ ରହିଛି। ବଢୁଥିବା ଯାନବାହନ ଚଳାଚଳ ଏବଂ ଶିଳ୍ପକ୍ଷେତ୍ରର ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଏହାକୁ ୪ ଲେନ୍ ବିଶିଷ୍ଟ କରିବାକୁ ନିଷ୍ପତ୍ତି ନିଆଯାଇଛି। ମୋଟ ୧୩୨ କିମି ରାସ୍ତା ଲାଗି ଖର୍ଚ୍ଚ ଅଟକଳ ରହିଛି ୨ହଜାର ୩୪୨କୋଟି ଟଙ୍କା। ରାସ୍ତା ନିର୍ମାଣ ବେଳେ ବ୍ରାହ୍ମଣୀ ଏବଂ ରାମିଆଳ ନଦୀ ଉପରେ ଦୁଇଟି ବୃହତ୍ ବ୍ରିଜ୍ ନିର୍ମାଣ କରାଯିବାକୁ ପ୍ରସ୍ତାବ ରହିଛି। ଏହି ରାସ୍ତା ସମ୍ପୂର୍ଣ୍ଣ ହେଲେ ୩ ଜିଲାବାସୀ ଉପକୃତ ହେବେ। ଏହା କେନ୍ଦ୍ର ସରକାରଙ୍କ ସମୟୋପଯୋଗୀ ପଦକ୍ଷେପ ବୋଲି ଜିଲା ସଭାପତି ସୂଚନା ଦେଇଥିଲେ।

ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ଭାଜପା ନେତା ଶତ୍ରୁଘ୍ନ ଜେନା, ପବିତ୍ର ବିଶ୍ୱାଳ, ସୁନୀଲ ଶର୍ମା, ପ୍ରେମାନନ୍ଦ ଜେନା, ଦେବଦତ୍ତ ପଟ୍ଟନାୟକ, ରତ୍ନପ୍ରଭା ପଣ୍ଡା, ଉପେନ୍ଦ୍ର ମହାକୁଡ଼ ପ୍ରମୁଖ ବହୁ ନେତୃବୃନ୍ଦ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।



**ଗଣମାଧମ ପ୍ରତିନିଧି-ଭାଜପା ନେତା ମୁହାଁମୁହିଁ**

କାମାକ୍ଷାନଗର ଏନ୍ଏସି ପକ୍ଷରୁ ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍ ନିକଟରେ ନିର୍ମିତ ଦୋକାନ ଗୃହକୁ ନେଇ ଖବରଦାତା ସମ୍ମିଳନୀରେ ମୁହାଁମୁହିଁ ହୋଇଥିଲେ ଗଣମାଧମ ପ୍ରତିନିଧି ଏବଂ ଭାଜପା ନେତା। ଉକ୍ତ ଗୃହକୁ କେତେଜଣ ଗଣମାଧମ ପ୍ରତିନିଧି ସାମ୍ବାଦିକ ସଂଘ କାର୍ଯ୍ୟାଳୟ କରିବାକୁ ଚାହୁଁଛନ୍ତି। ହେଲେ ଏହାକୁ ଭାଜପା ନେତା ବିରୋଧ କରୁଥିବା କହି ସେମାନେ ଆପତ୍ତି ଉଠାଇଥିଲେ। ଏହାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଭାଜପା ଜିଲା ସଭାପତି ବିଭୂତି ଭୂଷଣ ପ୍ରଧାନ ଏଥିରେ ହସ୍ତକ୍ଷେପ କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏ ନେଇ ଇଂ. ବିରଜା ପ୍ରସାଦ ରଥ କୁହନ୍ତି, ଦୋକାନ ଉଦ୍ଦେଶ୍ୟରେ ଏନ୍ଏସି ପକ୍ଷରୁ ଉକ୍ତ ଗୃହ ନିର୍ମାଣ କରାଯାଇଛି। ଏହାକୁ ଏଯାଏ କାହାରିକୁ ପ୍ରଦାନ କରାଯାଇନାହିଁ। ଏହା ଅଦ୍ୟାବଧି ଏନ୍ଏସି ଅକ୍ତିଆରରେ ରହିଥିବା ସେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଭାଜପାର ଜନସମ୍ପର୍କ ପଦଯାତ୍ରା

ବଇଣ୍ଡା,୪।୨(ଡି.ଏନ.ଏ.) କିଶୋରନଗର ବ୍ଲକ କଟରଙ୍ଗା ପଞ୍ଚାୟତରେ ସୋମବାର ଭାଜପା ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରସନ୍ନ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରାରେ ମୁଖ୍ୟଅତିଥି ଭାବେ ଜିଲା ଭାଜପା ସଭାପତି ଭାଗିରଥୀ ପ୍ରଧାନ ଯୋଗଦେଇ କେନ୍ଦ୍ର ସରକାରଙ୍କ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟତମ ଅତିଥି ଭାବେ ମଣ୍ଡଳ ସାଧାରଣ ସମ୍ପାଦକ ଧ୍ରୁବଚରଣ ସାହୁ, ଜିଲା କମିଟି ସଦସ୍ୟ ପ୍ରସନ୍ନ ମିଶ୍ର, ବାନାମ୍ବର ପ୍ରଧାନ, ପରମାନନ୍ଦ ସାହୁ, ରାଜେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ୱାର୍ଡ ମେମ୍ବର ପ୍ରସନ୍ନ ବେହେରା ଓ ଦୟାନିଧି ଦେହୁରିଙ୍କ ନେତୃତ୍ୱରେ ୨୫ରୁ ଊର୍ଦ୍ଧ୍ୱ ଯୁବକ ଭାଜପାରେ ଯୋଗ ଦେଇଥିଲେ। ବଇଣିଶା, ଆମ୍ବମୁଣ୍ଡା, ପାଗବନ୍ଧା, କୃଷ୍ଣପୁର, କୁଆଁଝରି ଆଦି ଗ୍ରାମଗୁଡ଼ିକରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।

## ସମବାୟ ସମିତିରେ ଟଙ୍କା ହଡପ ଅଭିଯୋଗ

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଅନୁଗୋଳ ଅଫିସ, ୪।୨

କଣିହାଁ ବ୍ଲକ ପରାବିଲ ସେବା ସମବାୟ ସମିତିରେ ଟଙ୍କା ହଡ଼ପ ହୋଇଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ମୃତ ବ୍ୟକ୍ତିଙ୍କ ନାମରେ ଟଙ୍କା ଉଠାଯାଇଥିବା ବେଳେ ନାବାଳକଙ୍କ ଫଟୋ ଲଗାଯାଇ ବ୍ୟାଙ୍କ ଖାତା ଖୋଲା ଯାଇଥିବା କଣିହାଁ ବ୍ଲକ ବିରୁ ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ଋଣ ପାସ କରିଦେବାକୁ କହି ଶହ ଶହ ଚାଷୀଙ୍କ ଠାରୁ ଦସ୍ତଖତ ନେଇ ଏହି ଟଙ୍କା ଆତ୍ମସାତ ହୋଇଥିବା ଗାଁର ୭୦ଜଣ ଅଭିଯୋଗ କରିଛନ୍ତି। ୭ ଦିନ ମଧ୍ୟରେ ଏକ କମିଟି ବସାଇ ତୁରନ୍ତ ଅଭିଯୋଗର ତଦନ୍ତ କରିବାକୁ ଜିଲାପାଳ ଅନିଲ କୁମାର ସାମଲ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଓ ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ସରିବା ପରେ ସତ୍ୟାସତ୍ୟ ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସାମଲ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ବସନ୍ତ ମଞ୍ଜରୀ ପ୍ରଧାନ, ପ୍ରହ୍ଲାଦ ସାମଲ, କୁନା ସାହୁ, ସେବା ସମବାୟ ସମିତିର ସଭ୍ୟ ସନ୍ତୋଷ ମୁଦୁଲି, ପ୍ରଫୁଲ୍ଲ ସେଠୀ, ପ୍ରଭାକର ବେହେରା, ବିପିନି ସାହୁ, ନଳିନୀ ସାହୁ, ଲକ୍ଷ୍ମୀ ନାୟକ, ମୁରଲୀ ଉଦାବର, ରଶ୍ମିତା ଉଦାବର, ଗୋପବନ୍ଧୁ ନାୟକ, ବିନୋଦିନୀ ଉଦାବର, ସୁମିତ୍ରା ନାୟକ ପ୍ରମୁଖ ଜିଲାପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସାଧାରଣ ଲୋକଙ୍କ ଟଙ୍କା ହଡ଼ପ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ନିରୀହ ଲୋକଙ୍କ ଟଙ୍କା ଫେରାଇବାକୁ ଦାବି କରିଛନ୍ତି।


ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଉଛି।

## ଆଠମଲ୍ଲିକ ଏକାଦଶ ପତକା ବିଜୟୀ

ଆଠମଲ୍ଲିକ, ୪।୨(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଲିପିଲୋଇ ସ୍କୁଲ ଖେଳ ପଡିଆରେ ଗୋଲ୍ଡେନ୍ କ୍ଲବ ଫୁଟବଲ୍ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସରପଞ୍ଚ ବିଶ୍ୱମ୍ବର ବେହେରା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଶିକ୍ଷକ ନିରାକାର ମେହେର, ପୂର୍ଣ୍ଣଚନ୍ଦ୍ର ମେଷୁଆ, କାଳିଆ ସ୍ୱାଇଁ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ ଆଠମଲ୍ଲିକ ଏକାଦଶ ପତକା ଓ ଜୁନିୟର ଏକାଦଶ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ଏକାଦଶ ପତକା ୩-୦ ଗୋଲରେ ଜୁନିୟର ଏକାଦଶକୁ ପରାସ୍ତ କରିଥିଲା। ପ୍ରବୀଣ ବେହେରା, ଧବଳେଶ୍ୱର ବେହେରା ଏବଂ ଗରିବ ବେହେରା ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିବାବେଳେ ୭ ଦିନ ଧରି ଖେଳ ଚାଲିବ। କ୍ଲବ ମ୍ୟାନେଜର ସଞ୍ଜୀବ ବେହେରା, ସଭାପତି ମନ୍ମଥ ମେହେର, ସମ୍ପାଦକ ପ୍ରଫୁଲ୍ଲ ସାହୁ, ଟିମ୍ କ୍ୟାପଟେନ୍ ତପନ ଦେହୁରୀ ଓ କ୍ଲବର ସଦସ୍ୟମାନେ ସହଯୋଗ କରୁଛନ୍ତି।

## ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିଲା ଝିଅ

# ପକ୍କା ଘର ପାଇଁ ବୃଦ୍ଧା ପ୍ରଶାସନର ଦ୍ୱାରସ୍ଥ

ଅନୁଗୋଳ ଅଫିସ, ୪।୨


ବୃଦ୍ଧା ପ୍ରମିଳା ନାୟକ।

ଗତମାସ ୧୦ ତାରିଖ ରାତିରେ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଡେଉଁରିଆଝରି ଗ୍ରାମର ପ୍ରମିଳା ନାଏକଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ଧାନ, ଚାଉଳ ସହ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ଘରେ ରହିଯାଇଥିବା ଝିଅ ସରୋଜିନୀଙ୍କ ଦେହରେ ମଧ୍ୟ ନିଆଁ ଲାଗି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲ ନିଆଯାଇଥିଲେ ବି ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ମାସେ ପୂରିବାକୁ ବସିଥିବା ବେଳେ ଏଯାଏ କ୍ଷତିଗ୍ରସ୍ତ ପ୍ରମିଳାଙ୍କୁ ପ୍ରଶାସନ ପକ୍ଷରୁ ଉପଯୁକ୍ତ ସହାୟତା ଯୋଗାଇ ଦିଆଯାଇ ନାହିଁ। କେବଳ ଜରିପାଲ ଖଣ୍ଡେ ଦେଇ ବ୍ଲକ କର୍ତ୍ତୃପକ୍ଷ ତାଙ୍କୁ ଅଣଦେଖା କରିଥିବା ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ପ୍ରମିଳା ଅଭିଯୋଗ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ଗରିବ ହୋଇଥିବାରୁ ପ୍ରଶାସନ ତାଙ୍କ କଥାକୁ ଗୁରୁତ୍ୱ ଦେଉନାହିଁ। ଘର ପୋଡ଼ିପରେ ପୂରା ପରିବାର ସ୍କୁଲ ଘରେ ଆଶ୍ରୟ ନେଇଛନ୍ତି। ଘରଟିଏ ନିର୍ମାଣ ପାଇଁ ତାଙ୍କ ନିକଟରେ ସମ୍ବଳ ନାହିଁ। ଏ ନେଇ ଛେଣ୍ଡିପଦା ବିଡିଓଙ୍କ ପାଖକୁ ଗଲେ ସେ ସାହାଯ୍ୟ କରିପାରିବେ ନାହିଁ ବୋଲି କହି ବାରମ୍ବାର ଫେରାଇ ଦେଉଛନ୍ତି। ତେଣୁ ପକ୍କା ଘର ସହ କିଛି ସହାୟତା ମିଳିପାରିଲେ ସେ ଉପକୃତ ହୋଇପାରନ୍ତେ ବୋଲି ପ୍ରମିଳା ଜନଶୁଣାଣିରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ନେଇ ବିପର୍ଯ୍ୟୟ ପରିଚାଳନା ଅଧିକାରୀ ବଇତୁରା ଦୀପ କହିଛନ୍ତି, ଘଟଣାର ତର୍ଜମା କରାଯାଇ ଅସହାୟଙ୍କୁ ତୁରନ୍ତ ସହାୟତା ପ୍ରଦାନ କରାଯିବ।


CLASSIFIED DISPLAY


















ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ମଙ୍ଗଳବାର, ୫ ଫେବୃୟାରୀ /୨୦୧୯ Dhenkanal, Tuesday February 5 / 2019

## ସଂକ୍ଷେପରେ

### ଅପହରଣକାରୀ କୋର୍ଟଚାଲାଣ

ଛେଣ୍ଡିପଦା, ୪।୨(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ସ୍କୁଲ ଛାତ୍ରୀଙ୍କୁ ଅପହରଣ କରିବା ଅଭିଯୋଗରେ ପୋଲିସ ବଲିପଟା ଗ୍ରାମର ରଥୀ ଗୋଚ୍ଛାୟତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଛାତ୍ରୀ ଜଣକ ଗତ ୩୧ ତାରିଖରେ ବିଦ୍ୟାଳୟକୁ ଯାଇ ଘରକୁ ଫେରି ନ ଥିଲେ। ରଥୀ ତାଙ୍କୁ ଅପହରଣ କରିଥିବା ନେଇ ଛାତ୍ରୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ. ୪୭/୧୯ରେ ମାମଲା ରୁଜୁ କରି ତଦନ୍ତ କରିବ ଶନିବାର ଛାତ୍ରୀ ଜଣଙ୍କୁ ଉଦ୍ଧାର କରିଥିଲା। ରବିବାର ଅପରାହ୍ଣରେ ଅଭିଯୁକ୍ତ ରଥୀ ଘରେ ଥିବା ଖବରପାଇ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।

### ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦାବି

ମାଧପୁର, ୪।୨

ଆଠମଲ୍ଲିକ ବ୍ଲକ ସ୍ଥିତ ମାନଜୋର ପ୍ରକଳ୍ପରେ ୧୪ ବର୍ଷ ଧରି ସରକାରୀ ଡିଏଲଆର ଭାବେ କାର୍ଯ୍ୟ କରିଆସୁଥିବା କେତେଜଣ କର୍ମଚାରୀଙ୍କୁ ୩ ବର୍ଷ ହେବ ଅର୍ଥ ଅଭାବ ଆଳ ଦେଖାଇ ଛଟେଇ କରିଦିଆଯାଇଥିବା ଅଭିଯୋଗ ହୋଇଛି। ହେଲେ ବର୍ତ୍ତମାନ କୋଟି କୋଟି ଟଙ୍କାର ଟେଣ୍ଡର କାମ ଚାଲୁଛି। କାମ ତଦାରଖ କରିବାକୁ କୌଣସି ସରକାରୀ କର୍ମଚାରୀ ନ ଥିବାରୁ କାର୍ଯ୍ୟ ମନ୍ଥର ମଧ ହେଉଛି। ତେଣୁ ଛଟେଇ କର୍ମଚାରୀଙ୍କୁ ପୁନଃ ମାନ୍‌ଜୋର ପ୍ରୋଜେକ୍ଟରେ ନିଯୁକ୍ତି ଦେବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ପ୍ରକଳ୍ପ ମଜଦୁର ସଂଘର ସଭାପତି ସୁଶାନ୍ତ ରଥଙ୍କ ନେତୃତ୍ୱରେ ମାନଜୋର ଜଳସେଚନ ପ୍ରକଳ୍ପର ନିର୍ବାହୀ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

# ଗର୍ଜିଲେ ଅଙ୍ଗନୱାଡି କର୍ମୀ



ଅନୁଗୋଳ ଅଫିସ, ୪।୨

ବିଭିନ୍ନ ଦାବି ନେଇ ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗର୍ଜିଛନ୍ତି ଅଙ୍ଗନୱାଡି କର୍ମୀ। ସ୍ଥାନୀୟ ବୁଢ଼ୀ ଠାକୁରାଣୀ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ଶତାଧିକ କର୍ମୀ ସରକାର ବିରୋଧୀ ନାରା ଦେଇ ବଜାର ପରିକ୍ରମା କରିଥିଲେ। ଏହାପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ମହିଳା ଓ ଶିଶୁବିକାଶ ଏବଂ ମିଶନଶକ୍ତି ବିଭାଗ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଥିଲେ। ବହିଷ୍କୃତ ଅଙ୍ଗନୱାଡି କର୍ମୀମାନଙ୍କୁ ତୁରନ୍ତ ପୁନଃନିଯୁକ୍ତି ଦେବା, କେନ୍ଦ୍ର ସରକାର ଘୋଷଣା କରିଥିବା ୧୫ ଶହ ଟଙ୍କାକୁ ବାଦ ଦେଇ ଜାନୁୟାରୀ ୧୨ରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ୧୫ ଶହ ଟଙ୍କା ତୁରନ୍ତ ପ୍ରଦାନ, ଅବସର ବୟସ ସୀମା ୬୨ କରିବା, ଖରା ଛୁଟି, ରନ୍ଧନ ଗ୍ୟାସ୍ ପ୍ରଦାନ, ଅବସରକାଳୀନ ସହାୟତା ରାଶି, ସୁପରଭାଇଜର ପ୍ରମୋଶନ ଆଦି ସମ୍ପର୍କିତ ପତ୍ର ଜିଲା ପ୍ରଶାସନ ନିକଟକୁ ତୁରନ୍ତ ପ୍ରଦାନ କରିବାକୁ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ ୱାର୍କର୍ସ ଆସୋସିଏଶନ୍ ପକ୍ଷରୁ ରାଜ୍ୟ ସମ୍ପାଦିକା ମୀନତି ମନ୍ତ୍ରୀ ଦାବି କରିଛନ୍ତି। ଏହା ନ ହେଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ବିକ୍ଷୋଭରେ ଭାରତୀୟ ମଜଦୁର ସଂଘର ଜିଲା ସମ୍ପାଦକ ସଞ୍ଜୟ ଦେହୁରୀ, ଜିଲା ସଭାନେତ୍ରୀ କୁସୁମ ଦେହୁରୀ, ସମ୍ପାଦିକା ସବିତା ଦେହୁରୀ, ଅଙ୍ଗନୱାଡ଼ି ରାଜ୍ୟ ସମ୍ପାଦିକା ମାମିନା ମନ୍ତ୍ରୀଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ଫଟୋରେ ଖବର



ଅନୁଗୋଳ ସହରର ଜଣେ କାରିଗର ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ମୂର୍ତ୍ତି ନିର୍ମାଣ କରୁଛନ୍ତି। (ଫଟୋ-ବୁବୁ)

# ସୁରକ୍ଷା ନିୟମ ପାଳନ କରନ୍ତୁ ଶ୍ରମଜୀବୀ



ଅନୁଗୋଳ ଅଫିସ, ୪।୨

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସ୍‌ପିଏଲ୍)ର ଅନୁଗୋଳ ୟୁନିଟ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ଜେଏସ୍‌ପିଏଲ୍ ପକ୍ଷରୁ ଅନେକ ସଚେତନତା କାର୍ଯ୍ୟକ୍ରମ କରାଯିବାର ଲକ୍ଷ୍ୟ ରଖାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ସପ୍ତାହର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜେଏସ୍‌ପିଏଲ୍ ଇଡି(ମେଣ୍ଟେନାନ୍ସ) ସୁରେଶ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ କର୍ମଚାରୀ ଓ ଶ୍ରମଜୀବୀଙ୍କୁ ସୁରକ୍ଷା ମନ୍ତ୍ର ଦେଇଥିଲେ। ନିରାପତ୍ତା ପାଇଁ ନିଜର ଦାୟିତ୍ୱ ତଥା ସହକର୍ମୀଙ୍କ ପ୍ରତି କର୍ତ୍ତବ୍ୟ ବିଷୟରେ ସଚେତନ କରାଯିବା ଆବଶ୍ୟକ ବୋଲି ସେ କହିଥିଲେ। ପ୍ଲାଣ୍ଟର ଫ୍ୟାକ୍ଟ୍ରି ମ୍ୟାନେଜର ତଥା ଇଭିପି ଇସ୍ପାତ ମେକିଂ ଦାମୋଦର ମିତ୍ତଲ ଗତ ମାସରେ ହୋଇଥିବା ସର୍ବାଧିକ ଉତ୍ପାଦନ ବିନା କୌଣସି ଦୁର୍ଘଟଣାରେ ସମ୍ଭବ ହୋଇଥିବା କହିଥିଲେ। ଜେଏସ୍‌ପିଏଲ୍ ଗ୍ରୁପ ସୁରକ୍ଷା ବିଭାଗ ମୁଖ୍ୟ ରବିକାନ୍ତ ସୋମାନୀ ସମସ୍ତ କର୍ମଚାରୀ ଓ ଶ୍ରମଜୀବୀଙ୍କୁ ସୁରକ୍ଷା ଜନିତ ସମସ୍ତ ନିୟମକୁ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଇଭିପି-ସିଜିପି ଏଏନ୍ ତିୱାରୀ ଓ ଜିଏମ୍ ନିରାପତ୍ତା ବି. ପି. ସିଂ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ବ୍ୟକ୍ତି ବିଶେଷ, ବିଭାଗ ତଥା କଣ୍ଟ୍ରାକ୍ଟରଙ୍କୁ ସୁରକ୍ଷା ନିୟମର ସର୍ବୋତ୍ତମ ଅନୁପାଳନ ପାଇଁ ପୁରସ୍କୃତ କରାଯାଇଥିଲା। ଚଳିତ ବର୍ଷ ଅଗ୍ନି ଓ ନିରାପତ୍ତା ବିଭାଗ ପକ୍ଷରୁ ଡ୍ରାଇଭରଙ୍କ ପାଇଁ ମାଗଣା ଚକ୍ଷୁ ଚିକିତ୍ସା, ଯାନବାହନ ବେଗ ଯାଞ୍ଚ ସହ ସଡ଼କ ସୁରକ୍ଷା ସମ୍ବନ୍ଧିତ ଫିଲ୍ମର ପ୍ରଦର୍ଶନ ଆଦି କାର୍ଯ୍ୟକ୍ରମ କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ